ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.141 Bhubaneswar Monday July 10 2023 | ୨୬ତମ ବର୍ଷ ସଂଖ୍ୟା-୧୪୧ ଭୁବନେଶ୍ୱର, ସୋମବାର, ଜୁଲାଇ ୧୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଆରଏସ୍ଏସ୍ର ପୂର୍ବତନ ମୁଖ୍ୟଙ୍କ ବିଷୟରେ ସୋଶାଲ ମିଡିଆରେ ବିବାଦୀୟ ପୋଷ୍ଟ, କେସ୍ ଖାଇଲେ ଦିଗବିଜୟ

ଭୁବନେଶ୍ୱର,୯।୭(ପି.ଏନ): କଂଗ୍ରେସ ବରିଷ୍ଠ ନେତା ଦିଗ୍‌ବିଜୟ ସିଂହଙ୍କ ବିରୋଧରେ ମାମଲା ରୁଜୁ କଲା ଇନ୍‌ଦୋର ପୁଲିସ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍ଏସ୍) ପୂର୍ବତନ ମୁଖ୍ୟ ଏମ୍.ଏସ୍ ଗୋଲୱାଲକରଙ୍କୁ ଚରିତ୍ରକୁ ନେଇ ଏକ ବିବାଦୀୟ ପୋଷ୍ଟ ସୋଶାଲ ମିଡିଆରେ କରିବା ପରେ ତାଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଥିବା ଜଣାପଡିଛି।ଏହାର ପ୍ରତିବାଦ



ଜଣାଇଛନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ। ମିଛ କଥା ପ୍ରଚାର କରି ଅରାଜକତା ସୃଷ୍ଟି କରିବା ନିମନ୍ତେ ଦିଗବିଜୟ ଏପରି କରୁଥିବା ଅଭିଯୋଗ କରିଛନ୍ତି ଶିବରାଜ ସିଂହ ଚୌହାନ। ସେ କହିଛନ୍ତି, ପୂର୍ବତନ ଅରଏସ୍ଏସ୍ ମୁଖ୍ୟ ଗୋଲୱାଲକର ଜୀବନକାଳ ଭିତରେ ସମାଜରେ ବିଭେଦତା ହଟାଇବା ଓ ସାମାଜିକ ଭାତୃତ୍ୱ ବଢ଼ାଇବାକୁ କଠିନ ପରିଶ୍ରମ କରୁଥିଲେ।

## ଉଗ୍ର ହେଉଛି ହିଂସା: ୨୦ ମୃତ

କୋଲ୍‌କାତା,୯।୭(ପି.ଏନ) : ପଡ଼ୋଶୀ ରାଜ୍ୟ ପଶ୍ଚିମ ବଙ୍ଗରେ ନିର୍ବାଚନୀ ହିଂସା ଥମିବାର ନାଁ ଧରୁନି। ହିଂସା ଏବେ ଉଗ୍ର ରୂପ ଧାରଣ କରିଛି। ଆଜି ପୁଣି ଦୁଇ ଜଣଙ୍କୁ ହତ୍ୟା କରାଯାଇଛି। ଏଥିସହ ହିଂସାଜନିତ ମୃତ୍ୟୁ ଆଜି ୨୦ରେ ପହଞ୍ଚିଛି। ଶନିବାର ରାତିରେ ମାଲ୍‌ଦାର ବୈଷ୍ଣବ ନଗରରେ ଜଣେ ତୃଣମୂଳ କଂଗ୍ରେସ କର୍ମୀ ମାତ୍ୟୁର୍ ରହମନ୍‌ଙ୍କୁ ଛୁରି ମାରି ହତ୍ୟା କରାଯାଇଥିଲା। ସେ ଭୋଟ୍ ଦେବା ପାଇଁ ବୁଥ୍‌କୁ ଆସିଥିବା ବେଳେ କେତେକ ଲୋକ ତାଙ୍କୁ ଘେରିଯାଇ ଛୁରି ମାରିଥିଲେ। ଏଥିପାଇଁ ତୃଣମୂଳ କଂଗ୍ରେସ ବିରୋଧୀ କଂଗ୍ରେସ ଦଳକୁ ଦାୟୀ କରିଛି। ଏହି ସଂଘର୍ଷରେ ଆଉ ୬ଜଣ ବ୍ୟକ୍ତି ମଧ୍ୟ ଆହତ ହୋଇଛନ୍ତି। ପୋଲିସ୍ ଘଟଣାର ତଦନ୍ତ କରୁଛି

## କେନ୍ଦ୍ର କ୍ୟାବିନେଟ ପରିବର୍ତ୍ତନ: ଓଡିଶାରୁ କାହାକୁ ମିଳିବ ମନ୍ତ୍ରୀପଦ ?



ଭୁବନେଶ୍ୱର,୯।୭(ପି.ଏନ): ଆସନ୍ତା ୨୦୨୪ ଲୋକସଭା ନିର୍ବାଚନ ଯେତିକି ପାଖେଇ ଆସୁଛି, ଦେଶରେ ରାଜନୈତିକ ମାହୋଲ ସେତିକି ସରଗରମ୍ ହେବାରେ ଲାଗିଛି । ଏହା ମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ଥିବା ବିଜେପି ତା'ର ସଂଗଠନକୁ ମଜବୁତ କରିବାରେ ଲାଗିପଡିଛି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଜେପିର ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ନିକଟରେ ୪ଟି ରାଜ୍ୟର ପ୍ରଦେଶ ଅଧକ୍ଷଙ୍କୁ ନୂଆ ନିଯୁକ୍ତି ମିଳିଥିଲା ।ତେବେ ଆସନ୍ତା ୨୦ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ତା' ପୂର୍ବରୁ କେନ୍ଦ୍ର କ୍ୟାବିନେଟରେ ପରିବର୍ତ୍ତନ ହୋଇପାରେ । ତେବେ ମୋଦୀଙ୍କ ନୂଆ କ୍ୟାବିନେଟରେ କାହାକୁ ସ୍ଥାନ ମିଳିବ ଆଉ କିଏ ବାଦ୍ ପଡିବେ? ଆଗକୁ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହି ରାଜ୍ୟମାନଙ୍କର କିଛି ବଡ ନେତାଙ୍କୁ ମନ୍ତ୍ରୀପଦ ମିଳିପାରେ । ଏଥିସହିତ ଦଳର ଭୋଟ ବ୍ୟାଙ୍କରେ ସହାୟକ ହେଉଥିବା ଚେହେରାଙ୍କୁ ମଧ ସୁଯୋଗ ଦିଆଯାଇପାରେ ।ଓଡିଶା କଥା ବିଚାର କଲେ ଏଠାରେ ମଧ କିଛି ନେତାଙ୍କୁ ମନ୍ତ୍ରିମଣ୍ଡଳରେ ଓ ସଂଗଠନରେ ଦାୟିତ୍ୱ ମିଳିପାରେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କିଛି ବଡ ଦାୟିତ୍ୱ ମିଳିବା ନେଇ ଚର୍ଚ୍ଚା ହେଉଛି । ଗତ ୨୦୧୯ ଲୋକସଭା ନିର୍ବାଚନ ସମୟରେ ଦଳ ଓଡିଶା ଉପରେ ଫୋକସ କରି ଅଧିକ ସିଟ୍ ହାତେଇ ପାରିଥିଲା । ତେଣୁ ୨୦୨୪ରେ ମଧ ଦଳ ପୁରୁଣା ଫର୍ମୂଲା ଆପ୍ଲାଏ କରିପାରେ ।

## ଆଜି ଶ୍ରାବଣର ପ୍ରଥମ ସୋମବାର

ଭୁବନେଶ୍ୱର,୯।୭(ପି.ଏନ : ଆସନ୍ତାକାଲି ଶ୍ରାବଣର ପ୍ରଥମ ସୋମବାର। ଦେବଦେବ ମହାଦେବଙ୍କୁ ଜଳଲାଗି କରିବେ ଶିବଭକ୍ତ । ଏଥର କୌଣସି କୋଭିଡ୍ କଟକଣା ନଥିବାରୁ ଉତ୍ସାହିତ ଅଛନ୍ତି କାଉଡ଼ିଆ। ରାଜ୍ୟର ଶୈବ ପୀଠଗୁଡ଼ିକ ବେଶ୍ ଚଳଚଳ ହୋଇଉଠିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ତଥା ପୁଲିସ ମୁତୟନ ବ୍ୟବସ୍ଥା କରାଯାଇଛି। କାଉଡ଼ିଆଙ୍କର ସୁରକ୍ଷା,ଟ୍ରାଫିକ ବ୍ୟବସ୍ଥା,ଅପ୍ରୀତିକର ପରିସ୍ଥିତିକୁ ରୋକିବା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ରାଜଧାନୀରେ କାଉଡ଼ିଆ ଯିବାଆସିବା ବାଟରେ ୧୨ଟି ମୋବାଇଲ ପେଟ୍ରୋଲିଂ ଟିମ୍,୧୩ ଟି ପିସିଆର ରହିବ। ଛକମାନଙ୍କରେ ଫାଷ୍ଟ ଏଡ୍ ଓ ମୋବାଇଲ ମେଡ଼ିକାଲ ୟୁନିଟ ରହିବ। ଏଥର ଦୁଇ ମାସିଆ ଶ୍ରାବଣରେ ଜଳାଭିଷେକର ସୁଯୋଗ ମିଳିଥିବାରୁ କାଉଡ଼ିଆମାନେ ବେଶ ଆନନ୍ଦ ଅନୁଭବ କରିଛନ୍ତି। ଆଜିଠୁ କଟକର ଐତିହାସିକ ଗଡଗଡ଼ିଆ ଘାଟରୁ ଜଳ ନେଇ ରାଜ୍ୟର ବିଭିନ୍ନ ଶୈବାଳୟକୁ ଯାତ୍ରା ଆରମ୍ଭ କରିଛନ୍ତି ଶିବଭକ୍ତ କାଉଡ଼ିଆ। ବୋଲବମ୍... ହରହର ବମ ଧ୍ୱନୀରେ ମହାନଦୀର ଗଡଗଡ଼ିଆ ଘାଟ ପ୍ରକମ୍ପିତ। ପୁରା ଅଂଚଳରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ଅନ୍ୟପଟେ କାଉଡ଼ିଆଙ୍କ ସୁରକ୍ଷା ପାଇଁ ମୁତୟନ ରହିଛନ୍ତି ଅଗ୍ନିଶମ ଓ ପୁଲିସ। ଦେବଦେବ ମହାଦେବଙ୍କ ଜଳଲାଗି କରିବା ପାଇଁ ଗଡଗଡ଼ିଆ ଘାଟରେ ଜମିଛି ବୋଲବମ ଭକ୍ତଙ୍କ ଭିଡ଼ । ପବିତ୍ର ନଦୀର ଜଳ ଆଣି, ବାଲିରେ ମହାଦେବଙ୍କୁ ଫୁଲ ଚନ୍ଦନ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରିବା ପରେ କାନ୍ଧରେ ବାହୁଙ୍ଗି ଓ କଳସ ଧରି ରାଜ୍ୟର ବିଭିନ୍ନ ଶୈବାଳୟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି କାଉଡିଆ। କିଏ ବାବା ଲିଙ୍ଗରାଜ ଙ୍କ ପାଖକୁ ତ ଆଉ କିଏ ଧବଳେଶ୍ୱରଙ୍କ ନିକଟକୁ ଆଉ କିଛି ଭକ୍ତ ଲୋକନାଥ ଓ ଆରଡି ଭଳି ଦୂର ସ୍ଥାନକୁ ଯାତ୍ରା କରୁଛନ୍ତି। ଶ୍ରାବଣ ମାସରେ ଗଡଗଡ଼ିଆ ଘାଟକୁ ପ୍ରତିବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରୁ ଶିବଭକ୍ତ ମାନଙ୍କର ସୁଅ ଛୁଟିଥାଏ ।

## ରାଜଧାନୀରେ ଲୁଟପାଟ କରି ଲୋକଙ୍କୁ ଟେନସନ ଦେଉଥିବା ଲୁଟେରା ଗ୍ୟାଙ୍ଗକୁ କାବୁ କଲା ସ୍ପେଶାଲ ସ୍କ୍ୱାଡ୍

ଭୁବନେଶ୍ୱର,୯।୭(ପି.ଏନ): ରାଜଧାନୀରେ ଲୁଟପାଟ କରି ଲୋକଙ୍କୁ ଟେନସନ ଦେଉଥିବା ଏକ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି ସ୍ପ ?ଶାଲ ସ୍କ୍ୱାଡ । ୫ ଜଣ ଲୁଟେରାଙ୍କ ଠାରୁ ଟଙ୍କା, ସୁନା, ଗାଡି ଓ ଲୁଟ ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଛି ପୋଲିସ । ୨୧ ମାମଲାରେ ସମ୍ପୃକ୍ତ ଥାଇ ବି ବେଫିକର ଥିଲେ ଲୁଟେରା । ଭୁବନେଶ୍ୱର ଡିସିପିଙ୍କ ସ୍ପ ?ଶାଲ ସ୍କ୍ୱାର୍ଡ ଲୁଟେରା ଓ ଚୋରି ସାମଗ୍ରୀ କିଣୁଥିବା ଅଭିଯୁକ୍ତଙ୍କୁ କାବୁ କରିଛି ।ଭରତପୁର, ଚନ୍ଦ୍ରଶେଖରପୁରରେ ହୋଇଥିବା ଅଭିଯୋଗ ମୁତାବକ ସେମାନଙ୍କୁ



ଗିରଫ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ନାଁରେ ପାହାଳ, ସହିଦନଗର,ଖାରବେଳନଗର, ନୟାପଲ୍ଲୀ, ବିଂଝାରପୁର, ରାଜକନିକା ଥାନାରେ ରହିଛି ୨୧ ଟି ମାମଲା । ଗତ ୬ ମାସ ଭିତରେ ରାଜଧାନୀବାସୀଙ୍କ ନିଦ ହଜାଇଦେଇଥିବା ଲୁଟେରାଙ୍କ ଠାରୁ ୪୫ ଗ୍ରାମର ୧୦ ଟି ସୁନା ଚେନ, ୪୦ ହଜାର ଟଙ୍କା, ୨ଟି ବାଇକ, ୮ ଟି ମୋବାଇଲ ଓ ଲୁଟରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି । ତଥ୍ୟ,ପ୍ରମାଣ, ସାଇଣ୍ଟିଫିକ ଟିମରୁ ମିଳିଥିବା ସୁରାକ, ସିସିଟିଭି ଓ ସିଡ଼ିଆର ଆଧାରରେ ଅଭିଯୁକ୍ତକୁ ଗିରଫ କରାଯାଇଛି ।

## ୬ ଜଣଙ୍କୁ ବାନ୍ଧିଲା ସମ୍ବଲପୁର ପୁଲିସ୍; ୮ ବନ୍ଧୁକ, ୨୨ ଗୁଳି ଓ ୧୧ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର,୯।୭(ପି.ଏନ): ସମ୍ବଲପୁରର ୪ଟି ଥାନା ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ବନ୍ଧୁକ ରଖିବା ତଥା ଚାଲାଣ କରୁଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୮ଟି ବନ୍ଧୁକ, ୨୨ଟି ଗୁଳି, ୬ଟି ମୋବାଇଲ ଫୋନ୍, ୩ଟି ଗାଡି (ଗୋଟିଏ ପିକ୍‌ଅପ୍ ଭ୍ୟାନ, ଗୋଟିଏ ବୁଲେଟ ଓ ଗୋଟିଏ ସ୍କୁଟି) ଓ ୧୧ ଲକ୍ଷ ୨୦ ହଜାର ୮୫୦ ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ମହମ୍ମଦ ସମଶେର ଓରଫ ପାଗଳା (୩୯), ମହମ୍ମଦ ମୌସିମ (୪୧), ମୁନୁ ପାଣ୍ଡେ (୨୩), ମୋହିତ ପାଶ୍ୱାନ (୨୦), ସନ୍ତୋଷ ମହାରଣା (୩୮) ଓ ମହମ୍ମଦ ଅହମ୍ମଦ (୪୨)।ମହମ୍ମଦ ସମଶେର ଓ ମହମ୍ମଦ ମୌସିମଙ୍କୁ ଧନୁପାଲି ଥାନା ପୁଲିସ୍ ଗିରଫ କରିଛି। ସମଶେର ନାଁରେ ଭିନ୍ନ ଭିନ୍ନ ଥାନାରେ ୧୧ଟି ମାମଲା ରହିଛି। ତା'ଠାରୁ ଦୁଇଟି ଦେଶୀ ବନ୍ଧୁକ ଓ ୪ଟି ଗୁଳି ଜବତ



କରାଯାଇଛି। ସୁନାପାଲିର ମହମ୍ମଦ ମୌସିମ ପାଖରୁ ଗୋଟିଏ ଦେଶୀ ବନ୍ଧୁକ ଓ ୪ଟି ଗୁଳି ଜବତ କରାଯାଇଛି। ତା' ନାଁରେ ପୂର୍ବରୁ କୌଣସି ମାମଲା ନାହିଁ।ମୁନୁ ପାଣ୍ଡେ ଓ ମୋହିତ ପାଶ୍ୱାନଙ୍କୁ ଗିରଫ କରିଛି ଠେଲକୋଲୋଇ ଥାନା ପୁଲିସ। ମୁନୁ ପାଣ୍ଡେ ଉତ୍ତର ପ୍ରଦେଶର ଲୋକ ହୋଇଥିବା ବେଳେ ଏବେ ଝାରସୁଗୁଡା ସଦର ଥାନା ଅଞ୍ଚଳରେ ରହୁଥିଲା। ତା' ନାଁରେ ଭିନ୍ନ ଭିନ୍ନ ଥାନାରେ ୩ଟି ମାମଲା ରହିଥିବା ବେଳେ ତା'ଠାରୁ ଗୋଟିଏ ଦେଶୀ ରିଭଲଭର ଓ ଗୋଟିଏ ଗୁଳି ଜବତ କରାଯାଇଛି। ମୋହିତ ଶର୍ମା ନାଁରେ ପୂର୍ବରୁ କୌଣସି ମାମଲା ନଥିବା ବେଳେ ତା' ଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ମୋହିତର ଘର ବିହାରରେ। ଏବେ ସେ ଝାରସୁଗୁଡାରେ ରହୁଥିଲା।ସନ୍ତୋଷ ମହାରଣାକୁ ଅଇଁଠାପାଲି ପୁଲିସ ଗିରଫ କରିଛି। ତା' ଘର ଅଇଁଠାପାଲିର ଜଗନ୍ନାଥ କଲୋନୀରେ। ତା' ଠାରୁ ୨ଟି ବନ୍ଧୁକ (ଗୋଟିଏ ଦେଶୀ ପିସ୍ତଲ ଓ ଗୋଟିଏ ଅଟୋମେଟିକ ପିସ୍ତଲ) ଓ ୭ଟି ଗୁଳି ଜବତ କରାଯାଇଛି। ତା' ବୁଲେଟକୁ ମଧ୍ୟ ପୁଲିସ ଜବତ କରିଛି। ତା' ନାଁରେ ପୂର୍ବରୁ କୌଣସି ମାମଲା ନାହିଁ।

## ସୋର ରେଳ ଷ୍ଟେସନ ନିକଟ ଟ୍ରାକରେ କଟି ଚାଲିଗଲା ଦୁଇ ଯୁବକଙ୍କ ଜୀବନ

ଭୁବନେଶ୍ୱର, ୯।୭(ପି.ଏନ): ବାଲେଶ୍ୱର ଜିଲ୍ଲା ସୋର ରେଳ ଷ୍ଟେସନର ନିକଟରେ ପୃଥକ ପୃଥକ ଦୁର୍ଘଟଣାରେ ଦୁଇଜଣ ଯୁବକ ଟ୍ରେନରେ କଟି ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଯୁବକ ବାଲେଶ୍ୱର ଜିଲା ସୋର ବ୍ଲକ ସିଙ୍ଗାଖୁଂଟା ପଂଚାୟତ ନୂଆସହିର ହରେକୃଷ୍ଣ ପାଣ୍ଡବ (୨୨) ହୋଇଥିବା ବେଳେ ତେଣେ ଅନ୍ୟ ଜଣେ ବିହାର ଅଂଚଳର ଅବଦୁଲ କ୍ୱାଦିର (୨୪)। ପୋଲିସ ମୃତ ଦେହ ଜବତ କରି ଜାଂଚ ଚଳାଇଛି ।

## ବର୍ଷା ପାଣିରେ ଉବୁଟୁବୁ ଦିଲ୍ଲୀ; ଭାଙ୍ଗିଲା ୪୦ ବର୍ଷର ରେକର୍ଡ, ମହିଳା ମୃତ

ନୂଆଦିଲ୍ଲୀ,୯।୭(ପି.ଏନ): ବର୍ଷା ପାଣିରେ ଉବୁଟୁବୁ ହେଉଛି ଉତ୍ତର ଭାରତ । ମୁଖ୍ୟତଃ ରାଜଧାନୀ ଦିଲ୍ଲୀ ସମେତ ଅନ୍ୟାନ୍ୟ ପ୍ରମୁଖ ସହର ବି ଜଳବନ୍ଦୀ ହୋଇ ଯାଇଛି। ରାସ୍ତା ଉପରେ ଛୁଟୁଛି ନଦୀ ପରି ପାଣିର ସ୍ରୋତ । ଗତକାଲି ଦିଲ୍ଲୀରେ ହୋଇଥିବା ବର୍ଷା ଚଳିତ ବର୍ଷ ଦିଲ୍ଲୀରେ ହେବାକୁ ଥିବା ମୌସୁମୀଜନିତ ବର୍ଷାର ୧୫% ବୋଲି ଜଣାପଡିଥିବା ବେଳେ ଏହା ଗତ ୪୦ବର୍ଷର ରେକର୍ଡ ଭାଙ୍ଗିଛି। ପ୍ରବଳ ବର୍ଷା ହେତୁ ଦିଲ୍ଲୀରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇ ଯାଇଛି। ରାଜଧାନୀ ଦିଲ୍ଲୀରେ ଶନିବାର ରେକର୍ଡ ୧୨୬ ଏମଏମ ବର୍ଷା ରେକର୍ଡ କରାଯାଇଛି। ବିଭିନ୍ନ ସ୍ଥାନରେ ବେକ ଯାଏ ପାଣି ଚାଲୁଥିବାରୁ ଜୀବନଯାତ୍ରା ଏକପ୍ରକାର ଠପ୍ ହୋଇ ପଡିଥିଲା। ଦିଲ୍ଲୀରେ ଚଳିତ ବର୍ଷ ହେବାକୁ ଥିବା ମୌସୁମୀଜନିତ ବର୍ଷାର ୧୫% କେବଳ ଗତକାଲି ୧୨ ଘଣ୍ଟାରେ



ହୋଇ ଯାଇଛି। ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ରାସ୍ତା ଜଳମଗ୍ନ ହୋଇ ଯାଇଥିଲା। ବହୁ ଜାଗାରେ ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିବା ବେଳେ ବହୁ ଘର ବି ଭାଙ୍ଗି ଯାଇଛି।ଗତକାଲିଠୁ ଆଜି ସକାଳ ୮ଟା ମଧ୍ୟରେ ଦିଲ୍ଲୀରେ ୧୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହାକି ଗତ ୪୦ ବର୍ଷ ମଧ୍ୟରେ ସର୍ବାଧିକ ବର୍ଷା । ଭୀଷଣ ବର୍ଷା ଯୋଗୁ ଦିଲ୍ଲୀର ବହୁ ବଜାର, ଅଣ୍ଡର ପାସ୍ ?, ହସ୍ପିଟାଲ ପରିସର, ଖୋଲା ପଡିଆ ସମ୍ପୂର୍ଣ୍ଣ ଭାବେ ଜଳାର୍ଣ୍ଣବ ହୋଇ ଯାଇଛି। ଅତ୍ୟଧିକ ବର୍ଷା ଯୋଗୁ ରାଜଧାନୀର ଅଧିକାଂଶ ଜାଗା ଦୀର୍ଘ ସମୟ ପର୍ଯ୍ୟନ୍ତ ଅନ୍ଧାରରେ ବୁଡି ରହିଥିବା ବେଳେ ଇଣ୍ଟରନେଟ ସେବା ବି ପ୍ରଭାବିତ ହୋଇଛି।

## ଗୋଟିଏ ରାତିରେ ତିନି ଘରୁ ଚୋରି, ପୁଲିସକୁ ଚୋରଙ୍କ ଖୋଲା ଚ୍ୟାଲେଂଜ

କୋରେଇ,୯।୭(ପି.ଏନ): ପାଣିକୋଇଲି ମହାବୀର କଲୋନୀରେ ଶୁକ୍ରବାର ରାତ୍ରୀ ଏକ କଲୀନ ୩ଟି ଘରୁ ଚୋରି ହୋଇଛି । ଥାନାର ଅନତୀଦୂର ତଥା ଜିଲ୍ଲା ପୁଲିସ ମୁଖ୍ୟାଳୟ ପଛପଟ ଏହି କଲୋନୀରୁ ଚୋରି ଗଟଣା ଏକ ପ୍ରକାର ପୁଲିସକୁ ଚ୍ୟାଲେଂଜ କରାଯାଇଛି । କଲୋନୀର ଅବସରପ୍ରାପ୍ତ ପୁଲିସ ଉପେନ୍ଦ୍ର ଜେନାଙ୍କ ଘରୁ ସୁନା, ରୂପା ଠୁ ଆରମ୍ଭ କରି ସବୁ କିଛି ଲୁଟି ନେଇଚନ୍ତି ଲୁଟେରା । ସେ ଗୋଟିଏ ଘରେ ଶୋଇଥିବା ବେଳେ ଅନ୍ୟ ଘରେ ଥିବା ସବୁ କିଛି ଚୋରି ହୋଇଛି । ସେହିପରି ସ୍ୱର୍ଗତ ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ଘରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି ।

## ମା' ଶାରଳାଙ୍କ ମନ୍ଦିରରେ ଲାଗୁ ହୋଇପାରେ ନୂଆ ନିୟମ, ଭକ୍ତ ଓ ସେବାୟତଙ୍କ ପାଇଁ ରହିବ ଅନେକ କଟକଣା

ଭୁବନେଶ୍ୱର,୯।୭(ପି.ଏନ): ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ମନ୍ଦିରରେ ଗୃହୀତ ହୋଇଛି ନୂଆ ନିୟମ। ମନ୍ଦିର ନିୟମରେ ସଂସ୍କାର ପାଇଁ ମନ୍ଦିର ପରିଚାଳନା କମିଟି ବୈଠକରେ ନୂଆ ନିୟମ ଗୃହୀତ ହୋଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ କେବଳ ଜିଲ୍ଲାପାଳଙ୍କ ସ୍ୱୀକୃତିକୁ ଅପେକ୍ଷା ରହିଛି।ଗୃହୀତ ନିୟମ ଅନୁଯାୟୀ, ନିର୍ଦ୍ଦିଷ୍ଟ ସମୟ ବ୍ୟତୀତ ମା'ଙ୍କ ବିଗ୍ରହରୁ ଚନ୍ଦନ, ଫୁଲମାଳ ଆଣିବା ନିଷେଧ। ମା'ଙ୍କ ପୂଜା ନିମନ୍ତେ ଠାଆ ହେବା ପରେ ମନ୍ଦିର ମଧକୁ ପ୍ରବେଶ ନିଷେଧ।ଯାତ୍ରୀ ବା ସେମାନଙ୍କ ପିଲାମାନଙ୍କୁ ଗର୍ଭଗୃହ ମଧକୁ ନେବା ନିଷେଧ। ବ୍ରତ ହୋଇ ନଥିବା ପଣ୍ଡା ସେବକ ଓ ଅବିବାହିତ ରାଉଳ ସେବକ ଗର୍ଭଗୃହ ମଧକୁ ପ୍ରବେଶ କରିପାରିବେ ନାହିଁ।ମଝିଦେଉଳ ଓ ଗର୍ଭଗୃହକୁ ମୋବାଇଲ ମନା। କେହି ମା'ଙ୍କ ବିଗ୍ରହ ଫଟୋ ଉଠାଇ ପାରିବେ ନାହିଁ। ପ୍ରଥମ ଥର ଭୁଲ ପାଇଁ ୫୦୦ ଟଙ୍କା ଓ



ଦ୍ୱିତୀୟ ଥର ଭୁଲ ପାଇଁ ୧୦୦୦ ଟଙ୍କା ଜୋରିମାନା ଆଦାୟ କରାଯିବ। ବେଢ଼ା ମଧ୍ୟରେ କେହି ମୋବାଇଲ ବ୍ୟବହାର କରିପାରିବେ ନାହିଁ।ପଣ୍ଡା ସେବକମାନେ ଭକ୍ତ ବା କାର୍ଯ୍ୟରତ ମନ୍ଦିର କର୍ମଚାରୀମାନଙ୍କୁ ଖରାପ ବ୍ୟବହାର କଲେ ତୁରନ୍ତ ଲିଖିତ ଭାବେ ପୁଲିସକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି।ପଣ୍ଡା ସେବକମାନେ ଭକ୍ତମାନଙ୍କୁ ସେମାନଙ୍କ ଘର ସଂପର୍କରେ ପଚାରି ବିରକ୍ତ କରିବେ ନାହିଁ। ପଣ୍ଡା ସେବକମାନେ କୌଣସି ଭକ୍ତଙ୍କ ଠାରୁ ଜୁଲମ କରି ଅର୍ଥ ଆଦାୟ କଲେ ସେମାନେ ଲିଖିତ ଭାବେ ଅଭିଯୋଗ କରିପାରିବେ। ମନ୍ଦିର ପ୍ରଶାସନ ଓ ପୁଲିସ ଆଇନ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।ଭକ୍ତମାନେ ଅଭିଯୋଗ ଦେବା ପାଇଁ ଏକ ଅଭିଯୋଗ ବାକ୍ସ ରହିବ। ଉତ୍ତମ ପ୍ରସ୍ତାବ ଦେବା ପାଇଁ ଅଭିଯୋଗ ପୁସ୍ତକ ରଖାଯିବ। ୭ ଦିନରେ ଥରେ ଉପଜିଲ୍ଲାପାଳ, ତହସିଲଦାର, ଇନ୍‌ସପେକ୍ଟର ଇନ୍?ଚାର୍ଜ ଓ ମନ୍ଦିର ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଅଭିଯୋଗ ବାକ୍ସକୁ ଖୋଲା ଯାଇ ଆଇନ ଅନୁସାରେ ଉଚିତ୍ ପଦକ୍ଷେପ ନିଆଯିବ।

## ନାବାଳକ ଓ ନାବାଳିକାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର, ସପ୍ତାହେ ହେଲାଣି ନିଖୋଜ ଥିଲେ

ଭୁବନେଶ୍ୱର,୯।୭(ପି.ଏନ): ପ୍ରାୟ ସପ୍ତାହେ ଧରି ନିଖୋଜ ଥିବା ଜଣେ ନାବାଳକ ଓ ଜଣେ ନାବାଳିକାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଆଜି ଉଦ୍ଧାର କରାଯାଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଡୁମେରଗୁଡା ପଞ୍ଚାୟତର ବାଞ୍ଜିପଦର ଗାଁରେ ଘଟିଛି ଏହି ଘଟଣା।ମୃତକ ଦ୍ୱୟ ହେଲେ ସୁନୀଲ ପଟେଲ (୧୭) ଓ ଜେମାମଣି ପଟେଲ (୧୫)। ଉଭୟ ବାଞ୍ଜିପଦର ଗାଁର।



ପ୍ରାୟ ସପ୍ତାହେ ହେଲାଣି ସେମାନେ ନିଖୋଜ ଥିଲେ। ସେମାନେ ନିଖୋଜ ଥିବା ନେଇ ସେମାନଙ୍କ ପରିବାର ଲୋକେ ଧର୍ମଗଡ ପୁଲିସକୁ ପୂର୍ବରୁ ଜଣାଇଥିଲେ।ଆଜି କିଛି ଛେଳି ଚରାଳି ସାବୁନିଭାଡି ଓ ବାଞ୍ଜିପଦର ଗାଁ ମଝିରେ ଥିବା ନାଳ ନିକଟରେ ଏହି ଦୁଇ ଜଣଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଦେଖିଥିଲେ। ସେମାନେ ଏନେଇ ଗାଁ ଲୋକଙ୍କୁ କହିଥିଲେ।

## ଗୋପାଳପୁର ନିର୍ବାଚନମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କର ପ୍ରିୟ ନିର୍ବାଚନମଣ୍ଡଳୀ: ସାଂସଦ ମାନସ ମଙ୍ଗରାଜ

ବ୍ରହ୍ମପୁର,୯।୭(ପି.ଏନ): ଗୋପାଳପୁର ନିର୍ବାଚନମଣ୍ଡଳୀ ହେଉଛି ମୁଖ୍ୟମନ୍ତ୍ରୀଙ୍କର ପ୍ରିୟ ନିର୍ବାଚନମଣ୍ଡଳୀ । ଉନ୍ନୟନ କାମ ପାଇଁ ଏହି ନିର୍ବାଚନମଣ୍ଡଳୀ ରାଜ୍ୟ ସରକାରଙ୍କ ଫୋକସରେ ରହିଛି । ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଏଠାରୁ ବଡ଼ ବ୍ୟବଧାନରେ ବିଜୟୀ ହେବେ ବୋଲି ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଜେଡି ପର୍ଯ୍ୟବେକ୍ଷକ ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି । ଏଥିସହିତ ସାଂସଦ ମାନସ ମଙ୍ଗରାଜ କହିଥିଲେ, ଆଗାମୀ ନିର୍ବାଚନରେ ଗତ ୨୪ ବର୍ଷ ଭିତରେ ଯାହା ଜନହିତକାରୀ କାର୍ଯ୍ୟ କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀ ଗୋପାଳପୁରରେ ଯାହା ଯାହା କାର୍ଯ୍ୟ କରିଛନ୍ତି ସେ ସମ୍ପର୍କରେ ଲୋକଙ୍କୁ ବୁଝାଇବା ଆମର ପ୍ରଥମ କାର୍ଯ୍ୟ ହେବା ଉଚିତ । ମୁଖ୍ୟମନ୍ତ୍ରୀ ବିଧାୟକ ଭାବେ ଯାହାଙ୍କୁ ପ୍ରାର୍ଥୀ କରିବେ ଆମେ ସମସ୍ତେ ତାଙ୍କୁ ମାନିନେବା । ଆମେ ତାଙ୍କୁ ସମସ୍ତଙ୍କଠୁ ଅଧିକ ଭୋଟରେ ଜିତାଇବା । ମୁଖ୍ୟମନ୍ତ୍ରୀ ଓଡ଼ିଶାର ଅନ୍ୟ ସ୍ଥାନରୁ ଯେତେକି ଆଶା କରନ୍ତିନି ଯେହେତୁ ଏହା ତାଙ୍କ ନିଜ ଜିଲ୍ଲା ସେଥିପାଇଁ ସେ ଏଠାରୁ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଛନ୍ତି । ମୁଁ ପ୍ରତିଶ୍ରୁତି ଦେଉଛି ମୋର ଯେଉଁ ୫ କୋଟି ଟଙ୍କାର ହାତପାଣ୍ଠି ଅଛି ସେଥିରୁ ଅଧାଭାଗ ମୁଁ ଗଞ୍ଜାମ ଜିଲ୍ଲା ଖାସ କରି ଗୋପାଳପୁର ନିର୍ବାଚନମଣ୍ଡଳୀରେ ଖର୍ଚ୍ଚ କରିବି ବୋଲି କହିଛନ୍ତି ସାଂସଦ ମାନସ ମଙ୍ଗରାଜ ।ଗୋପାଳପୁର ନୂଆ ବସଷ୍ଟାଣ୍ଡ ନିକଟରେ ଆୟୋଜିତ ସଭାରେ ଉଦବୋଧନ ଦେଇ ତୃଣମୂଳସ୍ତରରୁ ବିଜେଡି ସଂଗଠନକୁ ମଜଭୁତ କରୁବାକୁ ସେ ଆହ୍ୱାନ ଦେଇଛନ୍ତି । ଗୋପାଳପୁରରେ ବିଜେଡି କାର୍ଯ୍ୟାଳୟକୁ ମାନସ ରଞ୍ଜନ ମଙ୍ଗରାଜ ଉଦଘାଟନ କରିଥିଲେ । ପୂର୍ବରୁ ମାନସ ରଞ୍ଜନ ମଙ୍ଗରାଜଙ୍କୁ ବିଜେଡି ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗୋପାଳପୁର ଜଙ୍କସନରୁ ବିରାଟ ବାଇକ ରାଲିରେ ତାଙ୍କୁ ନେତା ଓ କର୍ମୀ ପାଛୋଟି ନେଇଥିଲେ ।ରାଲିରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା, ଅମିତ ମଲ୍ଲିକ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ. ଜାନକୀ ରାମ, ବ୍ଲକ ଅଧ୍ୟକ୍ଷ ସି.ଏସ ଉଷାରାଣୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଜେଶ୍ୱରୀ ଦୋରା, ବ୍ଲକ ସଭାପତି ଅଜିତ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶଶିଭୂଷଣ ମହାନ୍ତିଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ଲୋକ ପ୍ରତିନିଧିମାନେ ସାମିଲ ହୋଇଥିଲେ ।

## ସିପିଆଇ(ଏମ) ନେତାଙ୍କ ବଦାନ୍ୟତା, ବିଦ୍ୟାଳୟକୁ ଦେଲେ ଏକ ଲକ୍ଷ

କୋରେଇ, ୯।୭(ପି.ଏନ): କୁନିନ୍ଦ-ସୁନିନ୍ଦା ନଦୀ ନାଳଭରା ଦ୍ୱୀପାଂଚଳ ଟିଏ । ଯାଜପୁର ସହର ଠାରୁ ଯାଜପୁରରୋଡକୁ ସଲଗ୍ନ କରୁଥିବା ଏକ ଚଲାପଥ । ତାରି ପାର୍ଶ୍ୱରେ ବିଲାତ ସରକାରଙ୍କର ଶୁଭଦୃଷ୍ଟିରୁ ୧୮୬୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏଲପି ସ୍କୁଲ। ପରବର୍ତ୍ତିକାଳରେ ୧୯୩୫ ମସିହାରେ ୟୁପି ସ୍କୁଲ, ୧୯୬୯ ମସିହାରେ ଇଂରାଜି ବିଦ୍ୟାଳୟ । ଶେଷରେ ୧୯୭୭ ଜୁଲାଇ ୭ ତାରିଖରେ ଗଢି ଉଠିଥିଲା ଉଚ୍ଚ ବିଦ୍ୟାଳୟ । ସେହି ବିଦ୍ୟାଳୟର ଅନତୀ ଦୂରରେ ବର୍ତ୍ତମାନର ଭଗତପୁର ଠାରେ ଜନ୍ମ ଗ୍ରହଣ କରିଥିବା ମେଧାବୀ ଛାତ୍ର ସନ୍ତୋଷ ଦାସଙ୍କ ବାଲ୍ୟ ଶିକ୍ଷା ଆରମ୍ଭ ହୋଇଥିଲା ଗାଁ ସ୍କୁଲରେ । ଛାତ୍ର ଜୀବନରୁ ଆକୃଷ୍ଟ ହୋଇଥିଲେ କମ୍ୟୁନିଷ୍ଟ ଆନ୍ଦୋଳନ ସହ। ଜୀବନ ଲକ୍ଷ୍ୟ ସମାଜରେ ଅବହେଳିତ ଲୋକ ମାନଙ୍କ ଅଧିକାର ପାଇଁ ସଦାସର୍ବଦା କାମ କରିବା । ଯୁବ ବୟସରେ ୰ ଅଶୋକ ବିହାରୀଙ୍କ ପରି କିଛି ସହଯୋଗୀ ମାନଙ୍କ ସହ ମିଶି ଶେଷଦେବ ବାସନ୍ତୀ ହାଇସ୍କୁଲ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ମଧ୍ୟ ଗୋଟିଏ ସମୟରେ ସେହି ବିଦ୍ୟାଳୟର ସମ୍ପାଦକ ଥିଲେ। ନିଜର ସମସ୍ତ କାର୍ଯ୍ୟବ୍ୟସ୍ତତା ସହ ପିଲାମାନଙ୍କ ପାଠପଢୁଥିବା ପିଲା ମାନଙ୍କର ଟିକିନିକି ଖବର ରଖିବା, ଆଦିବାସୀ ପିଲାମାନଙ୍କୁ ବିଭିନ୍ନ ଆବାସୀକ ବିଦ୍ୟାଳୟରେ ଅଧ୍ୟୟନର ବନ୍ଦୋବସ୍ତ କରିବା ସହ ଗାଁ ସ୍କୁଲରେ ମହାନଦୀ କୋଲ ଫିଲଡ ସହାୟତାରେ ୧୦ ଲକ୍ଷ ଟଙ୍କାର ଏକ ଶିଶୁ ବିଜ୍ଞାନାଗାର ପ୍ରତିଷ୍ଠା କରାଇ ଶିଶୁ ବୟସରୁ ପିଲାମାନଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହୀ ହେବା ବ୍ୟବସ୍ଥା କରିଛନ୍ତି ।











## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ୱା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଷ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।





# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର




ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଅାରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି। ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରାତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।



ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୂପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୂ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'।




ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୂବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

**ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପଗଡ, ମୋ: ୯୯୩୭୬୯୧୪୭୫

# ଓଡ଼ିଶାର ରାଜନୀତି ଓ ଡାକ୍ତର ଦାମୋଦର ରାଉତ



ରାଜନୀତିରେ ଆସିଛି ଏବେ ନୂଆ ପରିବର୍ତ୍ତନ। ତା' ସହିତ ତାଳ ଦେଇ ପରିବର୍ତ୍ତନ ହେଉଛି ବ୍ୟକ୍ତିର ବ୍ୟକ୍ତିତ୍ୱର। ମାତ୍ର ଯେଉଁ କେତେଜଣ ଜନନେତା ପ୍ରତିକୂଳ ପରିସ୍ଥିତି ଓ ସମାଲୋଚନାକୁ ଖାତିର ନକରି ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖିଛନ୍ତି, ତନ୍ମଧ୍ୟରୁ ଜଣେ ହେଉଛନ୍ତି ପ୍ରବୀଣ ରାଜନୀତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ। ଏହି ନିଆରା ଜନନେତା ଅବିଭକ୍ତ କଟକ ଜିଲ୍ଲା ସମ୍ପ୍ରତି ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ମଲ୍ଲୀପୁର ଗ୍ରାମରେ ୧୯୪୧ ମସିହା ଡିସେମ୍ବର ମାସ ୧୪ ତାରିଖରେ ପିତା କପିଳ ଚରଣ ରାଉତଙ୍କ ଔରସରୁ ମାତା ଗହ୍ଲାଦେବୀଙ୍କ କୋଳମଣ୍ଡନ କରିଥିଲେ। ଆଜି ୮୧ ବର୍ଷରେ ପଦାର୍ପଣ କରୁଛନ୍ତି ଡାକ୍ତର ରାଉତ । ଏହି ପରିପ୍ରେକ୍ଷୀରେ ତାଙ୍କର କର୍ମମୁଖର ଓ ଘଟଣାବହୁଳ ଜୀବନ ସମ୍ପର୍କରେ ଆଲୋକପାତ କରିବା ଏହି କ୍ଷୁଦ୍ର ଆଲେଖ୍ୟଟିର ଉଦ୍ଦେଶ୍ୟ।



ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଡାକ୍ତର ଦାମୋଦର ରାଉତ। ଏକାଧାରରେ ସେ ଜଣେ ରାଷ୍ଟ୍ରନୀତିଜ୍ଞ, ବାଗ୍ମୀ, ସ୍ତମ୍ଭକାର, ସମ୍ପାଦକ, ସଂସ୍କୃତିପ୍ରେମୀ ମଣିଷ ଓ ସର୍ବୋପରି ସ୍ୱାଭିମାନୀ ଜନନେତା। ୧୯୭୪ ମସିହାରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଡାକରାରେ ସରକାରୀ ଚାକିରି ଛାଡି ରାଜନୀତିରେ ପାଦ ଥାପିଥିଲେ ଡାକ୍ତର ଦାମୋଦର ରାଉତ। ପ୍ରଥମ ଥର ପାଇଁ ୧୯୭୭ ମସିହାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହେବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି । ତାଙ୍କୁ କେବଳ ରାଜନୀତିକ ଦୃଷ୍ଟିଭଙ୍ଗୀରେ ଦେଖିଲେ ଚଳିବ ନାହିଁ। ତାଙ୍କ କଥା ଆଲୋଚନା କଲେ ଓଡିଶାର ରାଜନୀତି, ସାହିତ୍ୟ ଓ ସଂସ୍କୃତିର ବହୁ ଘଟଣାବହୁଳ ଚିତ୍ର ସ୍ମୃତିପଟ୍ଟରେ ଉଙ୍କିମାରେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥାଏ। ଏହାକୁ ସେ ଅକ୍ଷରେ ଅକ୍ଷରେ ପ୍ରତିପାଦନ କରିଛନ୍ତି ପ୍ରତିଟି କାର୍ଯ୍ୟରେ। ଆଜିର ତାରିଖରେ ଓଡିଶା ରାଜନୀତିର ଚଳନ୍ତି ଇତିହାସ ସେ । ଅତୀତ ଓ ଭବିଷ୍ୟତ ତାଙ୍କ ମୁହଁରେ । ପ୍ରବାଦପୁରୁଷ ବିଜୁ ପଟନାୟକଙ୍କ ଏକାନ୍ତ ସହଯୋଗୀ ଥିବା ଏହି ବରିଷ୍ଠ ଜନନେତା ଅନେକ ସମୟରେ ସତ କହି ବିବାଦୀୟ ହୋଇ ପଡନ୍ତି , କିନ୍ତୁ ଅକାଟ୍ୟ ସତ କହିବାକୁ କେବେବି ପଛଘୁଞ୍ଚା ଦିଅନ୍ତି ନାହିଁ। ନବକଳେବର ବିଭ୍ରାଟ, ମହାନଦୀ ଜଳ ବିବାଦ ହେଉ କି ନଗଡା ଶିଶୁମୃତ୍ୟୁ ବା ଅନ୍ୟାନ୍ୟ ପ୍ରସଙ୍ଗ ହେଉ ସବୁଠି ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସେ ସମାଲୋଚନା କରିଛନ୍ତି, ଆଉ ସମାଧାନର ସୂତ୍ର ବି ବତାଇଦେଇଛନ୍ତି । ଖାଲି ସେତିକି ନୁହେଁ, ବିରୋଧୀଙ୍କ ବରାବର କଟାକ୍ଷ, ବାରବାର ସମାଲୋଚନାକୁ ଖାତିର ନକରି ତଥ୍ୟଭିତ୍ତିକ ଯୁକ୍ତି ଉପସ୍ଥାପନ କରିବାରେ ସେ ମାହିର ଅଟନ୍ତି।

ଡାକ୍ତର ଦାମୋଦର ରାଉତଙ୍କ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ । ୧୯୭୭ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ପ୍ରାୟ ୪ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସେ ଓଡିଶାର ରାଜନୀତିକୁ ପ୍ରଭାବିତ କରିଆସିଛନ୍ତି। ୧୯୭୭, ୧୯୮୦, ୧୯୯୦ ଓ ୨୦୦୦, ୨୦୦୪ ମସିହାରେ ଏରସମା ନିର୍ବାଚନମଣ୍ଡଳୀରୁ ଓଡିଶା ବିଧାନସଭାକୁ ୫ଥର ନିର୍ବାଚିତ ହୋଇ ବିଭିନ୍ନ ପର୍ଯ୍ୟାୟରେ ଓଡିଶା ସରକାରରେ ସୂଚନା ଓ ଲୋକସମ୍ପର୍କ, ଶିଶୁ ବିକାଶ, ପଞ୍ଚାୟତିରାଜ ମନ୍ତ୍ରୀ ଭାବେ କାର୍ଯ୍ୟକରି ନିଜର ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ୨୦୦୯ ଓ ୨୦୧୪ ମସିହାରେ ନବଗଠିତ ପାରାଦ୍ୱୀପ ନିର୍ବାଚନମଣ୍ଡଳୀରୁ ଲଗାତାର ୨ଥର ବିଧାନସଭାକୁ ନିର୍ବାଚିତ ହୋଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ଅବକାରୀ ଓ ସମବାୟ ବିଭାଗର ମନ୍ତ୍ରୀ ରହିଥିଲେ। ଯେତେବେଳେ ତାଙ୍କୁ ଯେଉଁ ବିଭାଗର ମନ୍ତ୍ରୀପଦ ମିଳିଛି, ସେ ବିଭାଗର ଦାୟିତ୍ୱକୁ ସେ ଦକ୍ଷତାର ସହିତ ସମ୍ପାଦନ କରିଛନ୍ତି, ଏହାହିଁ ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ବିଶେଷକରି ପଞ୍ଚାୟତିରାଜ ମନ୍ତ୍ରୀଭାବେ ତାଙ୍କ କାର୍ଯ୍ୟକୁଶଳତା ଏବେବି ଅନ୍ୟମାନଙ୍କ ପାଇଁ ଉଦାହରଣୀୟ ହୋଇ ରହିଛି। ସେଥିପାଇଁ ଜାତୀୟସ୍ତରରେ ଶ୍ରେଷ୍ଠ ପଞ୍ଚାୟତିରାଜ ମନ୍ତ୍ରୀଭାବେ ସମ୍ମାନିତ ହେବା ତାଙ୍କ ଦକ୍ଷତା ଓ ପାରିବାପଣିଆର ଆଉ ଏକ ନିଚ୍ଛକ ନମୁନା।

୧୯୯୯ ମସିହା ମହାବାତ୍ୟା ଜନଜୀବନରେ ଯେଉଁ କରାଳ ଧ୍ୱଂସଲୀଳା ସୃଷ୍ଟି କରିଥିଲା, ତାହା ଓଡିଶାବାସୀଙ୍କ ପାଇଁ ଥିଲା ଅଭୂତପୂର୍ବ। ବିଶେଷ କରି ମହାବାତ୍ୟା ଏରସମା ଅଞ୍ଚଳକୁ ଛିନ୍‌ଭିନ୍ କରିଦେଇଥିଲା। ଏହି ମହାବାତ୍ୟା ସମୟରେ ବାତ୍ୟାଦୁର୍ଗତଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ଥଇଥାନ କରିବା ଓ ଜୀଇଁବାର ରାହା ଦେବାରେ ଡାକ୍ତର ରାଉତଙ୍କ ଭୂମିକା ଉଚ୍ଚ ପ୍ରଶଂସନୀୟ। ସେତେବେଳେ ସେ ବିଧାୟକ ନଥିଲେ ମଧ ମାଟିର ଲୋକମାନଙ୍କ ପାଖେ ପାଖେ ରହି ସମସ୍ତ ସହଯୋଗ କରିଥିଲେ । ଯାହାଫଳରେ ଧ୍ୱସ୍ତବିଧ୍ୱସ୍ତ ଏରସମାର ପୁନଃନିର୍ମାଣ ହେବାସହ ଗମନାଗମନ, ବିଜୁଳି ଓ ଭିତ୍ତିଭୂମିର ପୁନଃଉଦ୍ଧାର ହୋଇପାରିଥିଲା । ସେଥିପାଇଁ ବାତ୍ୟା ପରବର୍ତ୍ତୀ ୨୦୦୦ ମସିହା ସାଧାରଣ ନିର୍ବାଚନରେ ତାଙ୍କୁ ଲୋକମାନେ ବିପୁଳ ଭୋଟ ଦେଇ ବିଧାନସଭାକୁ ପଠାଇଥିଲେ । ଏଥିସହିତ ଶିକ୍ଷାର ବିସ୍ତାର ପାଇଁ ଏରସମାର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୁଜଙ୍ଗର କୁଜଙ୍ଗ ମହାବିଦ୍ୟାଳୟ, ପଙ୍କପାଳର କମଳାଦେବୀ ମହାବିଦ୍ୟାଳୟ ଓ ରାହାମାର ସାରଳା ମହାବିଦ୍ୟାଳୟର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେହିପରି କୁଜଙ୍ଗ ମହୋତ୍ସବ, ଗଡକୁଜଙ୍ଗ ରଥଯାତ୍ରା ଓ କଳିଙ୍ଗ ବାଲିଯାତ୍ରାର ସଫଳତା ପଛରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଦୈନିକ ସମ୍ବାଦପତ୍ର "ସଞ୍ଚାର'' ଓ ଏହାର ସମ୍ପାଦକ ଦାୟିତ୍ୱ ମଧ ନେଇଥିଲେ। ଏଥିରେ ଧାରାବାହିକଭାବେ ଲେଖିଥିବା ସ୍ତମ୍ଭ ଅନୁଭୂତିରୁ ଅନୁଭବକୁ ନେଇ ନିକଟରେ ଏକ ପୁସ୍ତକ ସଙ୍କଳନ ହୋଇଛି। ଏହି ଲେଖାଗୁଡ଼ିକ ଯେତିକି ଯୁଗୋପଯୋଗୀ ସେତିକି ବାସ୍ତବଧର୍ମୀ। ଏହି ଲେଖାରୁ ତାଙ୍କର ଚିନ୍ତା ଓ ଚେତନାର ପରିପ୍ରକାଶ ତାଙ୍କ ବିଜ୍ଞତାର ପ୍ରମାଣ ଦିଏ। ସତରେ ଏହିପରି ଜଣେ ପ୍ରଜ୍ଞାପୁରୁଷ ଓଡ଼ିଶା ରାଜନୀତିରେ ବିରଳ କହିଲେ ଭୁଲ୍ ହେବନାହିଁ।

ଓଡିଆ ଜାତିର ସ୍ୱାଭିମାନ ସ୍ୱର ଏବେ କମିବାରେ ଲାଗିଛି। ଓଡିଶାର ସ୍ୱାଭିମାନ ରକ୍ଷାକରିବା ପାଇଁ ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି ଏ ଦିଗରେ ଆଗେଇ ଆସିଲେ ସେମାନେ ଓଡିଶାର ଜନନେତା ଭାବେ ଇତିହାସ ପୃଷ୍ଠା ମଣ୍ଡନ କରିପାରିବେ। ଡାକ୍ତର ଦାମୋଦର ରାଉତ ଦୀର୍ଘଜୀବୀ ହୁଅନ୍ତୁ ଏବଂ ସୁସ୍ଥ ଓ ନିରାମୟ ରୁହନ୍ତୁ ,ଏହାହିଁ ତାଙ୍କ ଜନ୍ମଦିନ ଅବସରରେ କାମନା !

**——ହିମାଂଶୁଶେଖର ଆଚାର୍ଯ୍ୟ**

*ଲଥଙ୍ଗ, ରାହାମା, ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ପଛୁଆବର୍ଗଙ୍କୁ ସଂରକ୍ଷଣ ଦାବି ଓ ଆଗାମୀ ଦିନରେ ଆନ୍ଦୋଳନ ନିମନ୍ତେ ପ୍ରସ୍ତୁତି ବୈଠକ




ଭୁବନେଶ୍ୱର (ପିଏନ୍): ଗତ ୧୦ ତାରିଖ ଦିନ ଭୁବନେଶ୍ୱରସ୍ଥ ଲୋହିଆ ଏକାଡେମୀ ଠାରେ ଓଡ଼ିଶା ପଛୁଆବର୍ଗ ଛାତ୍ର ସଂଘ ପକ୍ଷରୁ ଆଗାମୀ ଦିନରେ ସାରା ରାଜ୍ୟରେ ଓବିସି ସଂରକ୍ଷଣ ପାଇଁ ଆନ୍ଦୋଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଛି। ସାରା ଓଡ଼ିଶାରେ ୫୪ ପ୍ରତିଶତ ଲୋକ ପଛୁଆ ବର୍ଗର ହୋଇଥିବା ବେଳେ ସେମାନଙ୍କ ପାଇଁ ଉଭୟ ନିଯୁକ୍ତି ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ କୌଣସି ସୁବିଧା ସୁଯୋଗ ପ୍ରଦାନ କରାଯାଇନାହିଁ । ୧୯୯୦ ମସିହାରେ ମଣ୍ଡଳ କମିଶନ ସୁପାରିଶ କ୍ରମେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି.ପି. ସିଂ ସାରା ଭାରତବର୍ଷରେ ପଛୁଆ ବର୍ଗ ଲୋକଙ୍କ ପାଇଁ ୨୭% ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିଥିଲେ । ହେଲେ ଓଡ଼ିଶାରେ ଏହି ନିୟମକୁ ଅଦ୍ୟାବଧି ଲାଗୁ କରାଯାଇନାହିଁ। ଫଳରେ ଦିନକୁ ଦିନ ଓଡ଼ିଶାରେ ଏହି ବର୍ଗର ଲୋକଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥା ଦୁର୍ବଳ ହୋଇଯାଉଛି। ରାଜ୍ୟରେ ମୋଟ୍ ଜନସଂଖ୍ୟା ୪୦ ପ୍ରତିଶତ ଦଳିତ, ଆଦିବାସୀ ବର୍ଗର ହୋଇଥିବା ବେଳେ ସାଧାରଣ ବର୍ଗର ୬ ପ୍ରତିଶତ ଲୋକ ରହିଛନ୍ତି। ସେସବୁ ବର୍ଗ ପାଇଁ ସଂରକ୍ଷଣ ସୁବିଧା ଥିବା ବେଳେ ସର୍ବାଧିକ ୫୪ ପ୍ରତିଶତ ବାସ କରୁଥିବା ପଛୁଆ ବର୍ଗର ଲୋକଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନାହିଁ। ଫଳରେ ସେମାନେ ଶିକ୍ଷା ଓ ନିଯୁକ୍ତି ଉଭୟ କ୍ଷେତ୍ରରେ ପଛରେ ପଡ଼ିଯାଉଛନ୍ତି। ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟରେ ପଛୁଆ ବର୍ଗ ସଂରକ୍ଷଣ ତୁରନ୍ତ ଲାଗୁ କରାଯିବା ଦାବିରେ ଆଗାମୀ ଦିନରେ ସଂଘ ପକ୍ଷରୁ ସାରା ରାଜ୍ୟରେ ବ୍ୟାପକ ଆନ୍ଦୋଳନ କରାଯିବା ସହ ଜାତୀୟସ୍ତରରେ ଏହି ସମସ୍ୟାକୁ ଉପସ୍ଥାପନା କରାଯିବ ବୋଲି ନିଷ୍ପତ୍ତି ନିଆଗଲା।

# ଆଦିତ୍ୟ ଆଲୁମିନା କାରଖାନା ହେବାପାଇଁ ବଡ଼ କସରତ ଆରମ୍ଭ




ଭୁବନେଶ୍ୱର (ପିଏନ୍): କଂସାରୀଗୁଡାଠାରେ ଆଦିତ୍ୟ ଆଲୁମିନା କାରଖାନା ନେଇଥିବା ଜମିଗୁଡ଼ିକର ମାଲିକମାନେ ରାଜଧାନୀରେ କାରଖାନା ପ୍ରତିଷ୍ଠା ପାଇଁ ବଡ଼ଧରଣର କସରତ ଆରମ୍ଭ କରିଦେଇଛନ୍ତି। ଦୀର୍ଘ ୧୭ ବର୍ଷ ହେଲା କୋରାପୁଟ ଜିଲ୍ଲାର କଂସାରୀଗୁଡାଠାରେ ଆଦିତ୍ୟ ଆଲୁମିନା ଶିଳ୍ପ ହେବାପାଇଁ କାରଖାନା ତରଫରୁ ଟିକିରିରୁ କଂସାରଗୁଡା ପର୍ଯ୍ୟନ୍ତ ସବୁ ଚାଷଜମିକୁ ସରଳ, ନିରୀହ ଗ୍ରାମବାସୀଙ୍କଠାରୁ ବହୁ କମ୍ ମୂଲ୍ୟରେ ଜମି ନେଇଥିଲା। ଗ୍ରାମବାସୀମାନେ ନିଜ ପିଲାଛୁଆଙ୍କ ଭବିଷ୍ୟତ କଥା ଚିନ୍ତା କରି, ଭବିଷ୍ୟତରେ କମ୍ପାନୀରେ ନିଯୁକ୍ତି ଆଶା ରଖି କମ୍ପାନୀ ପାଇଁ ଜମି ଦେଇଦେଲେ। ହେଲେ ବହୁ ବର୍ଷ ଅତିକ୍ରମ କଲାପରେ ମଧ ସେଠାରେ ଆଦିତ୍ୟ ଆଲୁମିନା ଶିଳ୍ପ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଯେଉଁ ଉଦ୍ଦେଶ୍ୟ ରଖି ଗ୍ରାମବାସୀମାନେ ଜମି ଦେଇଥିଲେ, ତାହା ପୂରଣ ନ ହେବାରୁ ଗ୍ରାମବାସୀମାନେ ସେମାନଙ୍କ ଜମିରେ ତୁରନ୍ତ କାରଖାନା ହେଉ ନଚେତ୍ ସେହି ଜମିକୁ ସେମାନଙ୍କୁ ଫେରସ୍ତ ଦିଆଯାଉ ବୋଲି ଅଡି ବସିଛନ୍ତି। ଗ୍ରାମବାସୀମାନେ ବାରମ୍ବାର ସେମାନଙ୍କ ସମସ୍ୟା ଓ କମ୍ପାନୀ ପ୍ରତିଷ୍ଠା ପାଇଁ ସରକାରଙ୍କୁ ଜଣାଇ ଆସୁଥିଲେ ମଧ ଏପରିକି ବିଭିନ୍ନ ସମୟରେ ରାଲି, ଧାରଣା, ଆନ୍ଦୋଳନ ଓ ବିକ୍ଷୋଭ ପ୍ରଶାସନକୁ ଚେତାବନି ଦେବାପାଇଁ କରିଆସୁଥିଲେ ମଧ ସରକାର ଚୁପ୍ ରହିବା ସେମାନଙ୍କ ପାଇଁ ବଡ଼ କଷ୍ଟ ଦେଇଛି। ଅନ୍ୟପକ୍ଷରେ ସେହି ଯାଗାକୁ କମ୍ପାନୀ ନିଜ ଅଧିନକୁ ନେଇଥିବାରୁ ଗ୍ରାମବାସୀମାନଙ୍କର କୌଣସି ଉନ୍ନତି ଏବଂ ସେ ଅଞ୍ଚଳର ମଧ କୌଣସି ବିକାଶମୂଳକ କାମ ସରକାର ଏବଂ କମ୍ପାନୀ କେହି କରୁନାହାଁନ୍ତି । ଫଳରେ ଗ୍ରାମବାସୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି କହିଛନ୍ତି ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ସଭାପତି ଦୌଲ ଚୌଧୁରୀ। ଗ୍ରାମବାସୀଙ୍କ ଗୋଟିଏ ଦାବି ଶୀଘ୍ର କାରଖାନା ପ୍ରତିଷ୍ଠା ହେଉ, ନଚେତ୍ ଜମି ଆମକୁ ଫେରାଇ ଦିଆଯାଉ। ବହୁଥର ସରକାରଙ୍କୁ ଗୁହାରି କଲେ ମଧ କଂସାରୀଗୁଡା ଜମିହରା, ବାସହରା ଗ୍ରାମବାସୀମାନେ ଆଉ ବେଶିଦିନ ଏ ଦୁଃଖ କଷ୍ଟ ସହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବାରୁ କ୍ରିୟାନୁଷ୍ଠାନ କମିଟିର ସଭାପତି ଦୌଲ ଚୌଧୁରୀ ଓ ଜମିହରା, ବାସହରା ଗ୍ରାମବାସୀଙ୍କ ନେତା ତଥା ଆର.ପି.ଡି.ଏ.ସି.ର ସଦସ୍ୟ ରାଜେନ୍ଦ୍ର ଦୁରିଆଙ୍କ ନେତୃତ୍ୱରେ ଭୁବନେଶ୍ୱର ଆସି ଓଡ଼ିଶା ଖଣି ନିଗମର ଏମ୍.ଡି. ବଳବନ୍ତ ସିଂହଙ୍କୁ ସାକ୍ଷାତ କରି ଆଦିତ୍ୟ ଆଲୁମିନା କମ୍ପାନୀ ପାଇଁ ବକ୍ସାଇଟ୍ ଖଣି ଯୋଗାଇ ଦେବାପାଇଁ ଅନୁରୋଧ କରିଥିଲେ। ଗୋଟିଏ ପକ୍ଷେ ଆଦିତ୍ୟ ଆଲୁମିନା କର୍ତ୍ତୃପକ୍ଷ ସରକାର ଖଣି ଦେଉନାହାଁନ୍ତି ବୋଲି କହି କାରଖାନା କରିବାରେ ସମୟ ଗଡାଇ ଚାଲିଥିଲେ, ଯାହାକୁ ଓଏମ୍.ସି. ଏମ୍.ଡି. ସମାଧାନ କରି କମ୍ପାନୀ ଆଗ କାମ ଆରମ୍ଭ କଲାପରେ ଖୁବ୍ ଶୀଘ୍ର ଖଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ସରକାର ଖୁବ୍‌ଶୀଘ୍ର ଏଥିରେ ହସ୍ତକ୍ଷେପ କରି ଏ ସମସ୍ୟାର ସମାଧାନ ରାସ୍ତା ବାହାର କରିବେ ବୋଲି ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ ଜମିହରା, ବାସହରା ଗ୍ରାମବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ, ଶ୍ରୀ ଦୌଲ ଚୌଧୁରୀଙ୍କ ନେତୃତ୍ୱରେ ଜମିହରା ଗ୍ରାମବାସୀମାନେ ପ୍ରଣବପ୍ରକାଶ ଦାସଙ୍କୁ ତାଙ୍କ ବାସଭବନରେ ଭେଟି ଏହି ସମସ୍ୟା ଉପରେ ଆଲୋଚନା କରିଥିଲେ ଏବଂ ଆଲୋଚନାରେ ଗ୍ରାମବାସୀମାନେ ଆଶ୍ୱସ୍ତି ହେବା ସହ ଆଉ କିଛିଦିନ ଅପେକ୍ଷା କରିବା ପାଇଁ ନିଷ୍ପତ୍ତି ନେଲେ, ଯଦି ଆଦିତ୍ୟ ଆଲୁମିନା କମ୍ପାନୀ କର୍ତ୍ତୃପକ୍ଷ ଖୁବ୍ ଶୀଘ୍ର କାମ ଆରମ୍ଭ ନ କରନ୍ତି, ତେବେ ହଜାର ହଜାର ନିରୀହ ଜମିହରା ଆଦିବାସୀ ଗ୍ରାମବାସୀମାନେ ଭୁବନେଶ୍ୱରରେ ଆମରଣ ଅନଶନ କରିବେ ବୋଲି କହିଛନ୍ତି କ୍ରିୟାନୁଷ୍ଠାନ କମିଟିର ସଭାପତି ଦୌଲ ଚୌଧୁରୀ।

# 'ଦେହର ଦୁଃଖ' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): ଗତ ୧୦ ତାରିଖ ଦିନ ବୁଦ୍ଧ ମନ୍ଦିରଠାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଶରୋଜ ସାହୁଙ୍କ ଦ୍ୱାରା ରଚିତ 'ଦେହର ଦୁଃଖ' ଏକ ଆଧାତ୍ମିକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ଲେଖକ ଦେହ ଓ ଦେହି ଏହି ଦୁଇଟି ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଛନ୍ତି। ଦେହ ହେଉଛି ଏ ଶରୀର ଏବଂ ଦେହି ହେଉଛି ଆତ୍ମା। ଦେହ ବିଶ୍ରାମ ଚାହେଁ, ରାତିରେ ଶୋଇପଡ଼େ କିନ୍ତୁ ଦେହି ବା ଆତ୍ମା ତା'ର ବିଶ୍ରାମ ନାହିଁ। ସବୁବେଳେ ରକ୍ତ ସଂଚାଳନ, ନିଃଶ୍ୱାସ, ପ୍ରଶ୍ୱାସ ଏବଂ ହୃତପିଣ୍ଡ କର୍ମଚଞ୍ଚଳ ଥାଏ। ଏମାନେ କେବେ ବିଶ୍ରାମ ନିଅନ୍ତି ନାହିଁ। ବିଶ୍ୱନିୟନ୍ତା ବା ସୃଷ୍ଟିକର୍ତ୍ତା ଦେହି ବା ଆତ୍ମାକୁ ସର୍ବଦା ଚଳାଇଥାଆନ୍ତି। ଆତ୍ମା ଯୋଗୁଁ ଏ ଦେହର ହାତକୁ ଯାହା ନିର୍ଦ୍ଦେଶ ଆସିଥାଏ, ସେହି ଅନୁସାରେ ମୁଁ କିଛି ଲେଖିପକାଏ। ଆଗରୁ ବିଜ୍ଞାନ ସମ୍ବନ୍ଧୀୟ କିଛି ପୁସ୍ତକ ଲେଖୁଥିଲି। ବିଜ୍ଞାନ ଜ୍ୟୋତି, ବିଜ୍ଞାନ ଦିଗନ୍ତ ଭଳି କିଛି ପୁସ୍ତକରେ ମୋ ଲେଖା ବାହାରୁଥିଲା। ଏବେ କିନ୍ତୁ ଗୀତି କବିତା, ଭାଗବତ ଗୀତା, ଜଗନ୍ନାଥ ଆତ୍ମତୃପ୍ତି ଭଳି ଅନେକ ଲେଖା ବିଶ୍ୱନିୟନ୍ତାଙ୍କ ନିର୍ଦ୍ଦେଶରେ ମୁଁ ଲେଖିପାରୁଛି। ମୁଁ କିଛି ଜାଣିନାହିଁ, ମୁଁ ନିମିତ୍ତ ମାତ୍ର। ଯାହା ନିର୍ଦ୍ଦେଶ ଆସୁଛି, ସେହି ଅନୁସାରେ ମୋ ହାତ ଚାଲୁଛି ବୋଲି କହିଛନ୍ତି ପୁସ୍ତକର ଲେଖକ ସରୋଜ କୁମାର ସାହୁ। ପିମ୍ପୁଡିଠାରୁ ହାତୀ ପର୍ଯ୍ୟନ୍ତ ସମସ୍ତଙ୍କର ଦେହ ଅଛି। କିନ୍ତୁ, ଆତ୍ମା ମାଧ୍ୟମରେ ନିଜର ମନର କଥା ନିଜର ଭାଷାକୁ ପ୍ରକାଶ କରିବା ସମ୍ଭବ ହେଉଛି। ଦେହ ଯୋଗୁଁ ଯାହା ନ ହୋଇପାରେ, ଆତ୍ମା ଯୋଗୁଁ ସବୁ କିଛି ସମ୍ଭବ ବୋଲି ଲେଖକ ପ୍ରକାଶ କରିଛନ୍ତି। ସେହି ଆତ୍ମାର ଆଶୀର୍ବାଦ ରହିଲେ ମୁଁ ଆଗକୁ ଆହୁରି କିଛି ଲେଖିହେବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।




**ଭୁବନେଶ୍ୱର, ୨୦୨୩, ଜୁଲାଇ ୧୦**

# ଗୁରୁ ଗଙ୍ଗାଧର ପ୍ରଧାନ


ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଗୋଟିପୁଅ ନାଚରୁ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ନୃତ୍ୟ ଜୀବନ ଆରମ୍ଭ ହୋଇଥିଲା। ଗୁରୁ ବୀରବର ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରୁଥିଲେ। ନୃତ୍ୟ ପ୍ରତି ରୁଚି ବଢ଼ିବାରୁ ଆସିଥିଲେ ସଂଗୀତ ମହାବିଦ୍ୟାଳୟ। ଛାତ୍ର ଜୀବନର ଗୁରୁ ଥିଲେ ପଙ୍କଜ ଚରଣ ଦାସ, ଦେବ ପ୍ରସାଦ ଦାସ, ସିଂହାରୀ ଶ୍ୟାମସୁନ୍ଦର କର, ବନମାଳୀ ମହାରଣା, ଡ.ମିନତି ମିଶ୍ର ପ୍ରମୁଖ। ଉଭୟ ନୃତ୍ୟ ଓ ପୋଖଜ ବାବଦରେ ପଟୁତା ହାସଲ କରିଥିଲେ। ନୃତ୍ୟ ପ୍ରଦର୍ଶନ ସହ ବିଦେଶରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରାଇଥିଲେ। ଗୁରୁ ଗଙ୍ଗାଧର ଥିଲେ ଓଡ଼ିଶୀ ନୃତ୍ୟର ଅନ୍ୟତମ ଅଗ୍ରଦୂତ ଓ ମାର୍ଗଦର୍ଶକ। ନୂତନ ଶୈଳୀର ନୃତ୍ୟ ସଂଯୋଜନା ଏବଂ ଛନ୍ଦ ମୁଦ୍ରାର ସ୍ୱତନ୍ତ୍ରତା ପାଇଁ ତାଙ୍କର ପ୍ରସିଦ୍ଧି ଥିଲା। ଭୁବନେଶ୍ୱରସ୍ଥିତ ଓଡ଼ିଶା ନୃତ୍ୟ ଏକାଡ଼େମୀର ସେ ପ୍ରତିଷ୍ଠା କରିଥିଲେ କୋଣାର୍କ ନାଟ୍ୟ ମଣ୍ଡପ। ତାଙ୍କ ଉଦ୍ୟମରେ କୋଣାର୍କ ନାଟ୍ୟ ଉତ୍ସବକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଥିଲା। ଘର ବାହୁଡ଼ା, ଗପ ହେଲେ ବି ସତ, ଶ୍ରୀକୃଷ୍ଣ ରାସଲୀଳା ଆଦି ଚଳଚ୍ଚିତ୍ରର ନୃତ୍ୟ ସଂଯୋଜନା କରିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମି ଦ୍ୱାରା ସେ ସମ୍ମାନିତ। ୨୦୦୫ରେ ତାଙ୍କୁ ପଦ୍ମଶ୍ରୀ ଉପାଧି ମିଳିଥିଲା। ୧୯୪୮ ଜୁଲାଇ ଆଜିର ଦିନରେ ବ୍ରହ୍ମଗିରି ଅନ୍ତର୍ଗତ ପାରିକୁଳ ଗାଁରେ ସେ ଜନ୍ମ ହୋଇଥିଲେ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩*

# ରାତିରେ ଚେଇଁବା ଚିନ୍ତାଜନକ ନୁହେଁ


ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଆପଣ ଡ଼େରିରେ ଶୋଇ ଡେରିରେ ଉଠୁଛନ୍ତି କି ? ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ। ୩୭ବର୍ଷ ଧରି କରାଯାଇଥିବା ଅଧ୍ୟୟନ ରିପୋର୍ଟ ଅନୁଯାୟୀ ଧୂମପାନ କିମ୍ବା ମଦ୍ୟପାନର ଅଭ୍ୟାସ ନଥିଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାହିଁଲେ ମଧ ସ୍ୱାସ୍ଥ୍ୟଗତ ସମସ୍ୟା ଉତ୍ପନ୍ନ ହୁଏନାହିଁ। ଏପରିକି ଶୀଘ୍ର ଶଯ୍ୟା ତ୍ୟାଗ କରୁଥିବା ବ୍ୟକ୍ତିଙ୍କ ତୁଳନାରେ ମଧ ସେମାନଙ୍କ ଶୀଘ୍ର ମୃତ୍ୟୁ ହୁଏନାହିଁ। ଶୋଇବା କିମ୍ବା ଉଠିବାର ସମୟ ପଛରେ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ଏହି ତଥ୍ୟ ଅନେକଙ୍କୁ ଆଶ୍ୱସ୍ତ କରିଦେବ। କାରଣ ପୂର୍ବର ଏକ ଗବେଷଣାରେ ବିପରୀତ ତଥ୍ୟ ଦିଆଯାଇଥିଲା। ଏହି ଅନୁଯାୟୀ ରାତିରେ ଚେଉଁଥିବା ବ୍ୟକ୍ତି ମାନଙ୍କୁ ସକାଳୁ ଶୀଘ୍ର ଉଠିବା କଷ୍ଟକର ହୋଇଥାଏ। ସେମାନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏପରିକି ୨୦୧୮ ମସିହା ବ୍ରିଟେନର ଅନୁଧ୍ୟାନ ରିପୋର୍ଟରେ ସକାଳେ ଉଠୁଥିବା ମଣିଷ ତୁଳନାରେ ସଂଧ୍ୟାରେ ଉଠୁଥିବା ବ୍ୟକ୍ତିଙ୍କ ମୃତ୍ୟୁର ଆଶଙ୍କା ୧୦ ପ୍ରତିଶତ ଅଧିକ ବୋଲି କୁହାଯାଇଥିଲା। ମାତ୍ର ଏବେ ଜଣାପଡ଼ିଛି ଯେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚେଉଁଥିବା ବ୍ୟକ୍ତିଙ୍କ ମୃତ୍ୟୁର କାରଣ ଶୋଇବାରେ ବିଳମ୍ବତା ନୁହେଁ ବରଂ ଧୂମପାନ ଏବଂ ମଦ୍ୟପାନ ଅଟେ। ୧୯୮୧ ମସିହାରେ ଗୋଟିଏ ଲିଙ୍ଗର ୨୪ ହଜାର ଯମଜ ଭଉଣୀ କିମ୍ବା ଭାଇଙ୍କୁ ନେଇ ଫିନଲାଣ୍ଡରେ ଗବେଷଣା କରାଯାଇ ଥିଲା। ଏହି ଅବସରରେ ଗୋଟିଏ ପ୍ରଶ୍ନ ପଚରାଯାଇଥିଲା ଯେ ସେମାନେ ସକାଳ କିମ୍ବା ସଂଧ୍ୟା କେଉଁଭଳି ମଣିଷ ଅଟନ୍ତି। ଏଥିରୁ ୧୦ ପ୍ରତିଶତ ନିଜକୁ ସଂଧ୍ୟାର ମଣିଷ ବୋଲି କହିଥିଲେ। ଏକ ତୃତୀୟାଂଶ ନିଜକୁ ସଂଧ୍ୟାରେ ମଣିଷ କୁହାଯାଇ ପାରେ ବୋଲି କହିଥିଲେ। କିନ୍ତୁ ବାକିମାନେ ନିଜକୁ ସକାଳ ମଣିଷ ବୋଲି କହିଥିଲେ। ସଂଧ୍ୟାର ମଣିଷଙ୍କ ମଧ୍ୟରୁ ଅଧିକାଂଶଙ୍କ ମଦ୍ୟପାନ ଏବଂ ଧୂମପାନର ଅଭ୍ୟାସ ରହିଥିଲା। ୨୦୧୮ ମସିହାରେ ଆଉ ଏକ ଅନୁଧ୍ୟାନ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ୨୪ ହଜାରରୁ ୮୭୦୦ ଯମଜଙ୍କ ମୃତ୍ୟୁ ହୋଇସାରିଛି। ୩୭ ବର୍ଷ ଧରି କରାଯାଇଥିବା ଗବେଷଣାରୁ ଏହା ସ୍ପଷ୍ଟ ହୋଇଥିଲା ଯେ ରାତିରେ ଚେଉଁଥିବା ବ୍ୟକ୍ତିଙ୍କ ମୃତ୍ୟୁର ଆଶଙ୍କା ୯ ପ୍ରତିଶତ ଅଧିକ ଥାଏ। କିନ୍ତୁ ଏଥିପାଇଁ ମୁଖ୍ୟତଃ ଧୂମପାନ ଏବଂ ମଦ୍ୟପାନ ହିଁ ଦାୟୀ। ଉଦାହରଣ ସ୍ୱରୂପ ରାତିରେ ଦୀର୍ଘ ସମୟ ଧରି ଚେଉଁଥିବା ବ୍ୟକ୍ତିଙ୍କ ମଦ୍ୟପାନ ବା ଧୂମମପାନ ଅଭ୍ୟାସ ନଥିଲେ କିମ୍ବା ସାମାନ୍ୟ ଅଭ୍ୟାସ ଥିଲେ ସେମାନଙ୍କ ଶୀଘ୍ର ମୃତ୍ୟୁ ହେଉନାହିଁ। ତେଣୁ ସଂଧ୍ୟାର ମଣିଷମାନେ ସେମାନଙ୍କ ଧୂମପାନ ଏବଂ ମଦ୍ୟପାନ ଅଭ୍ୟାସ ନେଇ ଗଭୀର ଭାବରେ ଚିନ୍ତା କରିବାର ସମୟ ଆସିଯାଇଛି। ମଣିଷ କେଉଁ ସମୟରେ ଶୋଉଛି କିମ୍ବା ଉଠୁଛି ଏହା ସହିତ ସେମାନଙ୍କ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ଆଉ କିଛି ସମାଲୋଚକ ଏହି ଅଧ୍ୟୟନର କେତୋଟି ତ୍ରୁଟି ଚିହ୍ନଟ କରିଛନ୍ତି। ତାଙ୍କ ଅନୁସାରେ ଧୂମପାନ କିମ୍ବା ମଦ୍ୟପାନ ବ୍ୟତୀତ ଅନ୍ୟ କେଉଁ ପ୍ରକାର ନିଶା ମୃତ୍ୟୁର କାରଣ ହୋଇଥାଏ ଏହି ଅଧ୍ୟୟନରେ ତାହା ଦର୍ଶାଯାଇନାହିଁ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ରାତିରେ ଚେଉଁଥିବା ବ୍ୟକ୍ତି ବିଭିନ୍ନ ପ୍ରକାର ମାନସିକ ଦୁଶ୍ଚିନ୍ତାର ଶିକାର ହେଉଥିବା ନେଇ ଆଉ ଏକ ଅଧ୍ୟୟନ ମଧ କରାଯାଉଛି।

*କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,*
*ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ*
*ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୨୩୪୪୩*

# ଚାନ୍ଦା ମାଗି ଚଳୁଥିବା ହାତୀ ଓ ଅନ୍ୟମାନେ


ନିରଞ୍ଜନ ସାହୁ

ଆଜିକାଲି ହ୍ୱାଟ୍‌ସଆପ ଯୋଗେ ବହୁ ପ୍ରସାରିତ ହେଉଥିବା କିଛି ମଜାଦାର ଭିଡ଼ିଓ ପୁନର୍ବାର ଟି.ଭିମାନଙ୍କ ଦ୍ୱାରା ପ୍ରସାରିତ ହେଉଛି । ପୁନଃ ପ୍ରସାରଣ ଲୋକପ୍ରିୟତାର ସଙ୍କେତ ବହନ କରେ । ଏମିତି ବୃତ୍ତଚିତ୍ରଟିଏ ନଜରକୁ ଆସିଲା ମୋର । ଏବେବି ଆଖିରେ ଲାଖିଯାଇଛି ସେଇ ଘଟଣା । ରାସ୍ତାଟିଏ ବ୍ୟାପିଯାଇଛି ଅରଣ୍ୟରୁ ଗ୍ରାମାଞ୍ଚଳକୁ । ମଧ୍ୟେ ମଧ୍ୟେ ତା ଉପରେ ଆତଯାତ ହେଉଥାନ୍ତି କିଛି ଯାନ ବାହନ । ସମ୍ଭବତଃ ଜଙ୍ଗଲ ଆର ପାରିରେ ଅନ୍ୟ ଏକ ଜନବସତି । ଗୋଟିଏ ହାତୀ ମାଡ଼ି ଆସିଲା ରାସ୍ତା ପାଖକୁ । ଛୋଟ ମୋଟ ଗାଡ଼ିମାନେ ଭୟରେ ଶଙ୍କିଗଲେ; ମାତ୍ର ସେ ମୁହଁ ବୁଲେଇ ଦେଲା ଅର୍ଥାତ ସେମାନଙ୍କ ଆଡ଼କୁ ତା'ର ନିଘା ନାହିଁ । ସେମାନେ ଚଳପ୍ରଚଳ କଲେ ପୂର୍ବପରି । ଏତିକି ବେଳେ ମାଡ଼ି ଆସୁଥିଲା ଗୋଟାଏ ଆଖୁ ଭର୍ତ୍ତି ଟ୍ରକ୍ । ହାତୀଟି ପୁରୁଣା ଗ୍ରାହକ ପରି ଠିଆ ହୋଇଗଲା ଟ୍ରକ୍ ଆଗରେ । ଟ୍ରକ୍ ଡ୍ରାଇଭର ଅଗତ୍ୟା ବ୍ରେକ୍ କସିଲା । ହାତୀଟି ଏବେ ଟ୍ରକ୍‌ର ସମ୍ମୁଖରୁ କଡ଼କୁ ଘୁଞ୍ଚି ଆସିଲା । ତା'ର ଥୋଡ଼ ପାହାଡ଼ ପ୍ରସାରିତ କରିଦେଲା ଟ୍ରକ୍ ଉପରେ ବନ୍ଧା ହୋଇ ଥୁଆ ହୋଇଥିବା ଆଖୁବିଡ଼ାକୁ । ଗୋଟିଏ ଥରରେ ଯେତିକି ପାରିଲା ଆଖୁଦଣ୍ଡ ସେତିକି ଟାଣି ଆଣିଲା । ତାପରେ ଗାଡ଼ି ଚାଲିଲା ତା ବାଟରେ ଆଉ ହାତୀ ଚୋବେଇ ଚାଲିଥାଏ ଆଖୁଗୁଡ଼ିକୁ । ପୁଣି କିଛି ସମୟ ପରେ ଆଉ ଗୋଟିଏ ଆଖୁ ଭର୍ତ୍ତି ଟ୍ରକ୍ । ପୂର୍ବ ଘଟଣାଟି ପୁନର୍ବାର ଅଭିନୀତ ହେଲା । ଏହାକୁ ତୀର୍ଯ୍ୟକ୍ କରି କେହି କହୁଥାନ୍ତି – ଶେଷଃ କି ବେଳ ହେଲା ଦେଖ ହାତୀ ବି ଚାନ୍ଦା ମାଗି ଚଳୁଛି !

ହାତୀ ଆଉ ଚାନ୍ଦା ମାଗିବନି ତ ଚଳିବ କେମିତି ଯେ ! ଆମେମାନେ ତ ଯାବତୀୟ ବାହାନା କରି ତା'ର ବସତିକୁ ସଂକୁଚିତ କରି ଚାଲିଲେ, ଆଜି ଆମର ରାସ୍ତା ସଂପ୍ରସାରଣ ଦରକାର, କାଲି ଆମର ଜଙ୍ଗଲ ଭିତରେ ଖଣିର ସନ୍ଧାନ ମିଳିଲାଣି ସେଠାରୁ ମୂଲ୍ୟବାନ ଖଣିଜ ଉତ୍ତୋଳନ ହେବ ଆଉ କେତେବେଳେ ଚାଷଜମିର ଆବଶ୍ୟକତା ପଡ଼ିଲାଣି ଜଙ୍ଗଲ ନ କାଟିଲେ ମଣିଷର ଖାଦ୍ୟ ଅଭାବ ପଡ଼ିବ, ଏମିତି କେତେ କାରଣ ସହଜରେ ମିଳିଯିବ । ଆଉ ହାତୀ ବାରଦ୍ୱାର ବୁଲି ଖାଇବାକୁ ନ ମାଗିଲେ ଚଳିବ କେମିତି ଯେ !

ଆଗରୁ ରାଜାମାନେ ଯାହାକୁ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଦେଖୁଥିଲେ ତାଙ୍କ ସହିତ ଛଳ ମିତ୍ରତା କରି ତାଙ୍କୁ ହାତୀ ଉପହାର ଦେଉଥିଲେ । ରାଜାଙ୍କଠାରୁ ହାତୀ ଉପହାର ପାଇଥିବା ଲୋକ ବେଶ୍ ଖୁସି ହେଉଥିବେ ରାଜାଙ୍କ ମିତ୍ର ଭାବରେ ତାଙ୍କର ନବ୍ୟମିତ୍ରତାଙ୍କୁ ମନେ ପକେଇ, ହେଲେ ହାତୀ ପାଇଁ ଖାଦ୍ୟ ଯୋଗାଣ ପାଇଁ ତାଙ୍କୁ ନୟାନ୍ତ ହେବାକୁ ପଡ଼ିବ ଆଉ ତାଙ୍କର ସମ୍ବଳର ମୁଖ୍ୟଭାଗ ଖର୍ଚ୍ଚ ହୋଇଯିବ ତା' ପାଇଁ ଖାଦ୍ୟ ଯୋଗାଡ଼ କରୁ କରୁ । ହାତୀର ଚାନ୍ଦା ମଗା ଏକ ସ୍ୱାଭାବିକ କଥା ହେଲେ ବି ଆମକୁ ଅସ୍ୱାଭାବିକ ଦେଖାଯାଉଛି; ମାତ୍ର ଆମେ ଭୁଲିଯାଇଛନ୍ତି ଯେ ଚାନ୍ଦା ନେବା ଓ ଚାନ୍ଦା ଦେବା କେମିତି ଅନେକ ଦିନରୁ ଆମର ସଭ୍ୟତା ଓ ସଂସ୍କୃତିର ଅଂଶ ପାଲଟି ଯାଇଛି ।

ଆଉ କିଛିଦିନ ପରେ ଆସିଯିବ ଗଣେଶ ପୂଜା । ଛକ ଛକରେ ଗଣେଶଙ୍କ ମୂର୍ତ୍ତି ଆଉ ସାଜସଜ୍ଜା ଶୋଭା ପାଇବ । ଦିନେ ପାଠଶାଠରେ ମୁଣ୍ଡ ପୂରେଇ ନଥିବା ସାହିଟୋକାମାନେ ନେତୃତ୍ୱ ନେବା ପାଇଁ ଉହୁଙ୍କି ଆସିବେ । ଗଣେଶଙ୍କ ମେଢ଼ ପାଇଁ ସାହି ବାସିନ୍ଦାଙ୍କ ଠାରୁ ଚାନ୍ଦା ମଗାଯିବ । ଭଡ଼ାଟିଆଙ୍କୁ ଅଧିକ ଚାନ୍ଦାଭେଦା । ମଝିରେ ମଝିରେ ପୋଲିସ୍ ଗାଡ଼ି ବୁଲିବ ପ୍ରଚାର କରି ଯେ ଚାନ୍ଦା ଦିଅନ୍ତୁ ନାହିଁ କହି କହି, ହେଲେ ଆପଣଙ୍କ ପରି ସମଝ୍‌ଦାର ଲୋକେ ଠିକ୍ ବୁଝିଛନ୍ତି ଏହି ପ୍ରଚାରଗାଡ଼ି ଖାଲି ଲୋକଦେଖାଣିଆ । ସେମାନେ କ'ଣ ଆପଣଙ୍କ ଅସୁବିଧା ବେଳେ ଠିଆ ହେବେ । ଦାଦାମାନଙ୍କ ସହିତ ସେମାନଙ୍କର ଅଲିଖିତ ସନ୍ଧି ହୁଏତ ଥାଇପାରେ । କିଏ କାହିଁକି ସାହି ଦୁର୍ଦ୍ଦାନ୍ତମାନଙ୍କ ସହିତ ଶତ୍ରୁତା ଆଚରଣ କରିବ ! ଇଚ୍ଛା ବିରୁଦ୍ଧରେ ଆପଣ ଚାନ୍ଦା ଦେବେ । ଅବଶ୍ୟ ଆୟୋଜନକାରୀ ନେତୃମଣ୍ଡଳୀ ଆପଣଙ୍କୁ ଛୋଟ ଭୋଗ ପ୍ୟାକେଟ୍‌ଟିଏ ଦେବାରେ କାର୍ପଣ୍ୟ କରିବେନି !

ସହରର ଗଳିକନ୍ଦିରେ ରାସ୍ତାକଡ଼ରେ ଯେଉଁ ଚା ଦୋକାନ ଅଛି, ଯେଉଁ ବରା ଦୋକାନ ଅଛି ସେମାନେ କଣ ଖାଲି ମ୍ୟୁନିସ୍‌ପାଲିଟିକୁ ଦେୟ ଦେଇ ଦୋକାନ ଖୋଲିଛନ୍ତି ! ମ୍ୟୁନିସ୍‌ପାଲିଟିର ଛୋଟମୋଟ କର୍ମଚାରୀଙ୍କୁ ଚାନ୍ଦା ଦେବାକୁ ବାଧ ସେମାନେ, ତା' ସହିତ ସେଇ ଅଞ୍ଚଳର କୁଖ୍ୟାତ ଦାଦାକୁ । ତା ନ ହେଲେ ଗୋଟେ ଦିନ ବି ତିଷ୍ଠିବ ନାହିଁ ତାଙ୍କର ଚା ଦୋକାନର ଚାଳିଟି । କୌଣସି ସରକାରୀ କୋର୍ଟ କଚେରୀର ଆଦେଶକୁ ଅପେକ୍ଷା କରିବ ନାହିଁ ତାଙ୍କର ଉଚ୍ଛେଦ ପ୍ରକ୍ରିୟା । ଏକଦା ବହୁଦିନ କ୍ଷମତାରେ ଥିବା ଗୋଟିଏ ଦଳର ଶାସନରେ ପଶ୍ଚିମବଙ୍ଗରେ କିପରି ଚାନ୍ଦା ଆଦାୟ ହେଉଥିଲା ତାହା ବର୍ଣ୍ଣନା କରୁଥିଲେ ଜଣେ ଅଧିବାସୀ ନିଜ ଅଭିଜ୍ଞତାରୁ । ପାର୍ଟି ତରଫରୁ କର୍ମକର୍ତ୍ତାମାନଙ୍କୁ କିଛି କୁପନ ଦିଆଯାଏ ବିକ୍ରି କରିବାକୁ ମାସିକ । ଧରନ୍ତୁ ଜଣେ ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ଦଶଟି କୁପନ ମାସିକ ବିକିବାର କ୍ଷମତା ଦିଆଯାଇଛି । ପ୍ରତି କୁପନର ଦାମ୍ ଧରନ୍ତୁ ହଜାରେ ଟଙ୍କା । ଅର୍ଥାତ୍ ସେ ମାସିକ ଦଶ ହଜାର ଟଙ୍କାର କୁପନ ବିକିପାରିବେ । ସେଥିରୁ ପାଞ୍ଚ ହଜାର ନିଜେ ଚଳିବେ ଆଉ ପାଞ୍ଚ ହଜାର ଦଳଫଣ୍ଡକୁ ପଠାଇବେ । କହିବା ବାହୁଲ୍ୟ ପାର୍ଟି କମ୍ରେଡ୍ ଯାହାକୁ ସେଇ ଅଞ୍ଚଳରେ କୁପନଟି ଦେବାକୁ ଚାହିଁବେ ସେ ଅଚିରେ ତାହା କିଣିବେ । ନହେଲେ ଏପରି ପରିସ୍ଥିତି ସୃଷ୍ଟି ହେବ ଯେ ସେ ଦିନଟିଏ ସେଇ ଅଞ୍ଚଳରେ ରହିବା ମୁସ୍କିଲ ହୋଇ ପଡ଼ିବ । ଠିକ୍ ସେଇମିତି ବ୍ଲକସ୍ତରୀୟ, ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ପ୍ରତିନିଧିମାନଙ୍କୁ କୁପନ ବିକିବାର ଅଧିକାର ଦିଆଯାଇଥାଏ । ଏହି କ୍ରମରେ ପୂର୍ଣ୍ଣକାଳୀନ ଲୋକେ ମିଳିଯାନ୍ତି ପାର୍ଟି କାମ କରିବାରେ ଏବଂ ଦଳ ପାଇଁ ପାଣ୍ଠି ଯୋଗାଣ ପାଇଁ ଆଉ ବ୍ୟସ୍ତ ହେବାକୁ ପଡ଼େ ନାହିଁ । ପୂରା ସଂଗଠନ ଏହି ଉପାୟରେ ଚାଲୁଥିଲା ବୋଲି ମୋର ବଙ୍ଗବାସୀ ବନ୍ଧୁ ଜଣେ ନିଜର ପରିଚୟ ଗୋପନ ରଖିବା ସର୍ତ୍ତରେ ମୋତେ କହିଥିଲେ ।

ଏହି ପ୍ରକ୍ରିୟାଟି କେବଳ ପଶ୍ଚିମବଙ୍ଗରେ ଚାଲୁଥିଲା ଏବଂ ଏବେ କେଉଁଠି ଚାଲୁନାହିଁ ତାହା କ'ଣ କେହି କହିପାରିବେ ! ସବୁ ରାଜନୈତିକ ଦଳ ନିଜର ଦଳୀୟ ପାଣ୍ଠି ବଢ଼େଇବାରେ ବ୍ୟସ୍ତ ଆଉ ଯିଏ ଚାନ୍ଦା ଦେଇ ନ ପାରିଲା ବା ଯୋଗାଡ଼ କରି ନ ପାରିଲା ତା ଜୀବନ ଦୁର୍ବିସହ ! ଯେତେ କଣ୍ଟ୍ରାକ୍ଟର ଠିକାଦାର କାମ କରୁଛନ୍ତି ସେମାନେ ଚାନ୍ଦା ଦେଇ ଦେଇ ଅସହାୟ ପାଲଟି ଗଲେଣି । ଖାଲି ବିଭାଗୀୟ କର୍ମକର୍ତ୍ତା ନୁହେଁ ଯେତେ ରାଜନୈତିକ କର୍ମୀଠାରୁ ତୁଙ୍ଗନେତା ପର୍ଯ୍ୟନ୍ତ ସମସ୍ତଙ୍କର ଅଧିକାର ସେଥିରେ । ତେଣୁ କାମର ମାନ ନ୍ୟୁନ ହେଉଛି ବୋଲି ଯେତେ ଚିତ୍କାର କଲେ ବି ତା'ର କ'ଣ କିଛି ନିରାକରଣ ଅଛି କି ? ଏକଦା ଭାରତର ଜଣେ ପ୍ରଧାନ ମନ୍ତ୍ରୀ ତ କହିଥିଲେ ସେ ଗୋଟିଏ ଟଙ୍କା ଦିଲ୍ଲୀରୁ ପଠେଇଲେ କ୍ଷେତ୍ରରେ କାମ ହେଉଛି ମାତ୍ର କୋଡ଼ିଏ ପଇସାର । ବାକୀ ଯେଉଁ ଅଶୀ ପଇସା ବାଟମାରଣା ହେଉଛି ତାହା – ଏଇ ବାଟମାରଣାର ଅର୍ଥ ହେଲା ବିଭିନ୍ନ ସ୍ତରରେ ଦିଆଯାଉଥିବା ଚାନ୍ଦା । କେତେବେଳେ ଅତିଥିଙ୍କ ଅଭ୍ୟର୍ଥନା ପାଇଁ ଖର୍ଚ୍ଚ ହେଉଥିବା ଦେୟ ତ କେତେବେଳେ ତାଙ୍କୁ ଅର୍ପଣ କରାଯାଉଥିବା ଉପହାର।

ବିଭିନ୍ନ ରାଜନୈତିକ ଦଳ ନେଉଥିବା ଚାନ୍ଦା ବିଷୟରେ ବେଳେ ବେଳେ ଚର୍ଚ୍ଚା ହୁଏ, ସମ୍ବାଦର ଶିରୋନାମା ମଣ୍ଡିତ ହୁଏ ସେଇ ଖବରରେ; ମାତ୍ର ବାସ୍ତବତା ହେଉଛି ଯାହା ପ୍ରକାଶିତ ହୁଏ ତାହା ଇଂରାଜୀରେ କୁହାଯାଉଥିବା ଶ୍ୱସକ୍ତ କ୍ଷଲ ଶ୍ୱଷର ସମରଭରକ୍ଷଣ ବା ବିଶାଳ ତୁଷାର ପର୍ବତର ଦୃଶ୍ୟମାନ କ୍ଷୁଦ୍ରାଂଶ କେବଳ ! କ୍ରମେ କ୍ରମେ ସାଧାରଣ ଲୋକେ ଗରିବ ପାଲଟି ଯାଉଥିବା ବେଳେ ଦଶଭାଗ ଲୋକଙ୍କ ପାଖରେ ନବେ ପ୍ରତିଶତ ସମ୍ପତ୍ତି ଭଳି ସମ୍ବାଦ ଯେତିକି ପୀଡ଼ାଦାୟକ ସେତିକି ଭୟଙ୍କର ସତ୍ୟ ହେଉଛି ରାଜନୈତିକ ଦଳ ବିଶେଷତଃ କ୍ଷମତାସୀନ ଦଳମାନେ ଖୁବ୍ ଶୀଘ୍ର ଅଧିକ ଧନାଢ଼୍ୟ ତାଲିକାରେ ସ୍ଥାନ ପାଉଛନ୍ତି । ଥରେ ଜଣେ ବିଦେଶୀ ଅତିଥି ଜଣେ ଭାରତୀୟ ରାଜନେତାଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ତାଙ୍କର ରାଜକୀୟ ଚଳଣି ଦେଖି ଆଶ୍ଚର୍ଯ୍ୟ ହେଉଥାନ୍ତି ଅତିଥି । ବ୍ୟକ୍ତିଗତ ବନ୍ଧୁତା ହେଲାପରେ ସେ ପଚାରିଲେ ଆପଣ ସରକାରୀ ଭାବରେ ଯାହା ପାଆନ୍ତି ସେଥିରେ ଏତେ ବଡ଼ ଅଟ୍ଟାଳିକା ଆଉ ଚଳଣୀ କିପରି ସମ୍ଭବ ହେଉଛି ? ଦ୍ୱିତଳ ପ୍ରାସାଦର କାଚଝର୍କାରୁ ଅତିଥିଙ୍କୁ ଦେଖେଇ ଦେଲେ ରାଜନେତା ବହୁ ଦୂରରେ ଦିଶୁଥିବା ଏକ ପୋଲ୍‌କୁ, ଆଉ କହିଲେ ଏପରି ବଡ଼ ବଡ଼ ନିର୍ମାଣରେ ଶତକଡ଼ା ଦଶଭାଗ ଆମ ପାଖକୁ ଚାଲିଆସେ ଆପେ ଆପେ । ଅତିଥି ଭାରି ଆପ୍ୟାୟିତ ହେଲେ । ତା'ର କିଛି ବର୍ଷ ପରେ ଭାରତୀୟ ନେତା ପୂର୍ବୋକ୍ତ ବ୍ୟକ୍ତିଙ୍କ ଅତିଥି ହୋଇଥାନ୍ତି – ସେତେବେଳେ ସେ ସେଠାକାର ରାଜନେତା । ମାତ୍ର ନେଉଥାନ୍ତି ମାସିକ ଏକଟଙ୍କା ସେ ଦେଶର ମୁଦ୍ରାରେ । ଆମ ରାଜନେତା ଭାରି ଆଶ୍ଚର୍ଯ୍ୟ ହେଉଥାନ୍ତି ତାଙ୍କର ସାମ୍ରାଜ୍ୟ ଦେଖି । ପଚାରି ଦେଲେ ଆପଣ କିପରି ସମ୍ଭାଳୁଛନ୍ତି ଏତେ ବଡ଼ ସାମ୍ରାଜ୍ୟ । ନେଉଛନ୍ତି ମାତ୍ର ଏକ ଟଙ୍କା । ତହୁଁ ସେ ବାହାରକୁ ଅନେଇଲେ ଆଉ ଦେଖେଇଦେଲେ ଶୂନ୍ୟକୁ କହିଲେ ଏଇ ବ୍ରିଜ୍‌ଟି ଦେଖିପାରୁଛନ୍ତି । ଅତିଥି ଚଷମା ପୋଛିଲେ ତାଙ୍କୁ କିଛି ଦିଶୁନଥାଏ । ତାଙ୍କର ଭ୍ରମ ଦୂର କରି ସେ ବୁଝାଇ ଦେଲେ ଏଇ ପ୍ରକଳ୍ପ ଏକ କାଳ୍ପନିକ ପ୍ରକଳ୍ପ ଏଥିରେ ମୁନାଫା ଶହେ ପ୍ରତିଶତ । ଚାନ୍ଦା କିପରି ଦିନକୁ ଦିନ ବଢ଼ି ଚାଲିଛି ଏବଂ ପ୍ରସାରିତ ହୋଇ ଚାଲିଛି ତାର ଅବୟବ ସେଇଥିପାଇଁ ହୁଏତ ଏ ଗପଟିଏ।

'ନିଆଁଖୁଣ୍ଟା'ର ସଂପାଦକ ଗୋଦାବରୀଶ ମହାପାତ୍ର ତାଙ୍କର ଏକ ସଂକଳନରେ ଚାନ୍ଦା ସର୍ବଗ୍ରାସୀ ରୂପରେ ବିମୁଢ଼ ହୋଇ ଲେଖିଥିଲେ –

'ଭସାଅ ପରାଣ ମୋର ଚାନ୍ଦାହୀନ ତବ ପ୍ରେମ ସ୍ରୋତେ ?'

ଚାନ୍ଦାର ବହୁବିଧ ରୂପ ଓ ପ୍ରକରଣରୁ କ'ଣ ଆମେ ସତରେ ମୁକ୍ତି ପାଇବା ?

ଲୋଚନାଭ୍ୟାଂ ବିହିନସ୍ୟ ଦର୍ପଣ କିଂ କରିଷ୍ୟତି ?"

*(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ)*
*ଦୂରଭାଷ : ୯୪୩୮୪୮୨୯୧୧*

# ବିଶ୍ୱତ୍ରାଣ ସତ୍ୟସାଇ


ଇଂ.ସଚ୍ଚିଦାନନ୍ଦ ନନ୍ଦ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ। ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ ଅନୁଭୂତିରେ ଆସିଯିବ। ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ସନାତନ ଧର୍ମ ଓ ଆଧ୍ୟାତ୍ମିକ ସତ୍ୟ


ସୁରେନ୍ଦ୍ରନାଥ ଭୂୟାଁ

ମାନୁଷ୍ୟ ପାଇଁ ଅତ୍ୟନ୍ତ ହିତକର ଆଧ୍ୟାତ୍ମିକ ସାଧନାର ମାର୍ଗ ପ୍ରାଚୀନ ଭାରତର ମହାନ୍ ଗ୍ରନ୍ଥମାନଙ୍କରେ ସରଳ ଓ ମଧୁର ଭାବରେ ନିର୍ଦ୍ଧାରିତ ହୋଇଛି। ସେଗୁଡ଼ିକ ଏହି ବିଶ୍ୱରେ ଅନ୍ତର୍ନିହିତ ଦିବ୍ୟ ତତ୍ତ୍ୱକୁ ଆଦର୍ଶ ଓ ଉପଦେଶ ମାଧ୍ୟମରେ ବୁଝାନ୍ତି ଏବଂ ଭଗବାନଙ୍କ କୃତି ଓ ତାଙ୍କର ଅପରିମେୟ ଲୀଳାକୁ ଭୀତି ଓ ଶ୍ରଦ୍ଧାର ସହିତ ଚାହିଁବା ପାଇଁ ମାନବ ଜାତିକୁ ପ୍ରେରଣା ଦିଅନ୍ତି। ସେଗୁଡ଼ିକ ମନୁଷ୍ୟକୁ ସାଧୁମାନଙ୍କର ସୁଖ ସଙ୍ଗତିରେ ତ୍ୟାଗର ତୀର୍ଥଯାତ୍ରାରେ ଅଗ୍ରସର ହେବା ପାଇଁ ପ୍ରେରଣା ଦିଅନ୍ତି ଯଦ୍ୱାରା ଶରୀର ନଷ୍ଟ ହେବା ପୂର୍ବରୁ ନିତ୍ୟର ଦର୍ଶନ ଲାଭ କରିବାକୁ ହେବ ଓ ଚିରଦିନ ପାଇଁ ହୃଦୟରେ ମୁଦ୍ରିତ କରିହେବ। ତତ୍ (ତାହା) ଶବ୍ଦଟି ଏକ ଦୂରସ୍ଥ ବସ୍ତୁକୁ ସୂଚିତ କରେ। ଅର୍ଥାତ୍ ତୁମେ କୌଣସି ଦୂରସ୍ଥ ବସ୍ତୁକୁ ଦେଖାଉଛ। ତ୍ୱମ୍ ହେଲା ତୁମେ। ଏହା ତୁମ ନିଜର ନିକଟତମ। ତୁମେ ନିଜକୁ ସବୁଠାରୁ ବେଶି ଜାଣ; ବର୍ତ୍ତମାନ ତୁମକୁ ଯାହା ଜାଣିବାକୁ ହେବ ତାହା ହେଲା 'ତୁମେ' ଓ 'ତାହା' ଏକ। କେବଳ ଏକ ଅଛି, ଦୁଇ ନାହିଁ। ଏହାକୁ 'ବୁଦ୍ଧିଗ୍ରାହ୍ୟଂ ଅତୀନ୍ଦ୍ରିୟମ୍'; ବୋଲି କୁହାଯାଇଛି ବୁଦ୍ଧି ଦ୍ୱାରା ବୁଝି ହେବ, ସ୍ପର୍ଶ, ଶ୍ରୋତ୍ର, ଦର୍ଶନ, ସ୍ୱାଦ ଓ ଘ୍ରାଣ ଆଦି ଇନ୍ଦ୍ରିୟ ମାନଙ୍କ ଦ୍ୱାରା ନୁହେଁ। ଶ୍ରୀ ଭେଙ୍କଟେଶ୍ୱରଙ୍କୁ ସପ୍ତଗିରିର ପ୍ରଭୁ ବୋଲି କୁହାଯାଏ। ତାଙ୍କ ମନ୍ଦିର ସପ୍ତମ ଗିରିରେ ଅଛି ଏବଂ ତାଙ୍କ ପାଖରେ ପହଞ୍ଚିବା ପାଇଁ 'ଛ'ଟି ଗିରି ଅତିକ୍ରମ କରିବାକୁ ହେବ। ଏହା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ – ଷଡ଼ରିପୁର ପ୍ରତୀକ। ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ପୂର୍ବରୁ ଏହି ରିପୁମାନଙ୍କୁ ଅତିକ୍ରମ କରି ସେଗୁଡ଼ିକୁ ପଛରେ ଛାଡ଼ିଯିବାକୁ ହେବ। ଭକ୍ତିର ପୋଷାକ ଓ ବଚନ ସହିତ କିଛି ସମ୍ପର୍କ ନାହିଁ। କେବଳ ପୋଷାକ ଓ ଧର୍ମପରାୟଣତାର ଅଭିବ୍ୟକ୍ତିକୁ ଆଧାର କରି ଆମେ ଜଣେ ଲୋକକୁ 'ଭଗବାନଙ୍କର ଭକ୍ତ' ବୋଲି କହିପାରିବା ନାହିଁ। ଭକ୍ତି ବାହ୍ୟ ବ୍ୟବହାର ବା ଆଚରଣ ଅପେକ୍ଷା ଆନ୍ତରିକ ଚୈତନ୍ୟ, ଭାବନାର ବିଷୟ ଅଟେ। ଯେଉଁଠାରେ ଧୂଆଁ ଥାଏ, ସେଠାରେ ନିଆଁ ଥିବ ବୋଲି ଆମେ ଅନୁମାନ କରୁ। କିନ୍ତୁ କେତେକ ପ୍ରକାର ନିଆଁ ଅଛି ଯେଉଁଥିରୁ ଧୂଆଁ ବାହାରେ ନାହିଁ। ଯଦିଓ ଏପରି ଧୂଆଁ ନାହିଁ, ଯାହା ନିଆଁରୁ ନ ବାହାରେ। ଭାବନା ବିନା କାର୍ଯ୍ୟ କରାଯିବାର ସମ୍ଭାବନା ଅଛି; କିନ୍ତୁ ସବୁ ଭାବ ବାହ୍ୟ ପ୍ରଦର୍ଶନ ଦ୍ୱାରା ନିଶ୍ଚୟ ପ୍ରକଟ ହେବ ବୋଲି ତୁମେ କହିପାରିବ ନାହିଁ। ଏପରିକି ଜାକଜମକ ଓ ବାହ୍ୟ ପ୍ରଦର୍ଶନ ବିନା ଆନ୍ତରିକ ଭାବ ରହିବା ସମ୍ଭବ। ଶୁଦ୍ଧ ଭାବନା ହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯଦି ଜଣେ ପ୍ରକୃତରେ ପ୍ରଗତି ପାଇଁ ଅଭିଳାଷ କରୁଥାଏ ତେବେ କେବଳ ଜାକଜମକପୂର୍ଣ୍ଣ ବାହ୍ୟ କାର୍ଯ୍ୟକଳାପ ପ୍ରଗତି ପାଇଁ ହାନିକାରକ ଅଟେ। ବେଦମାନଙ୍କରେ ସମଗ୍ର ବିଶ୍ୱକୁ ବିଷ୍ଣୁଙ୍କ ଶରୀର ଭାବରେ ଚିତ୍ରିତ କରାଯାଇଛି। ଆଉ ଭାରତ ହେଉଛି ବିଶ୍ୱର ଆଖି, କାରଣ ସମୟ ପ୍ରସଙ୍ଗରେ ତାର ବିଶ୍ୱ ଦୃଷ୍ଟି ସବୁଠାରୁ ଠିକ୍। ପୁଅ ପରିବାରର ସମ୍ମାନ ରକ୍ଷା କରୁ ବୋଲି ମାତା ଚାହାନ୍ତି; ପୁଅ ମାତା ଓ ପିତାଙ୍କର ସୁନାମ ରକ୍ଷା କରିବା ଉଚିତ। ତେଣୁ ପ୍ରତ୍ୟେକ ଭାରତୀୟକୁ ଏହି ଦେଶର ଋଷିମାନେ ଅନ୍ୱେଷଣ ଓ ଆବିଷ୍କାର କରିଥିବା ଆଧ୍ୟାତ୍ମିକ ବିଜ୍ଞାନର ଶିକ୍ଷା ଓ ଅନୁଶୀଳନ କରିବାକୁ ହେବ। କିନ୍ତୁ ବିରୋଧୀ ଶକ୍ତି, ଅସତ୍ ସଙ୍ଗ, ଅଳ୍ପ ପ୍ରଲୋଭନ ଯୋଗୁଁ ଭାରତୀୟମାନେ ଏହି ପ୍ରଧାନ କର୍ତ୍ତବ୍ୟରେ ଅବହେଳା କରିଛନ୍ତି। ସଂକ୍ରମଣ ଆସିଛି, ଏହା ଶରୀରରେ ସ୍ଥିର ହୋଇଯାଇଛି। ବର୍ତ୍ତମାନ ଏହାକୁ ବହିଷ୍କାର କରିବାକୁ ହେବ। ହିନ୍ଦୁ ଶବ୍ଦର ଅର୍ଥ ଯେଉଁମାନେ ହିଂସା ମାର୍ଗରୁ, ଅନ୍ୟମାନଙ୍କର କ୍ଷତି କରିବାରୁ ଦୂରରେ ରହନ୍ତି : ହିଂ (ହିଂସା), ଦୂ (ଦୂର)। ଭାରତରେ ଏତେ ମହାନ୍ ଭାବରେ ଆଦୃତ ଅଷ୍ଟାଦଶ ପୁରାଣର ସାରମର୍ମ ଶାସ୍ତ୍ରରେ କୁହାଯାଇଛି – 'ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍।' ଏହି ମାର୍ଗରେ ସ୍ଥିର ରହିଲେ ତୁମେ ସବୁ ଧର୍ମ ଓ ମତବାଦକୁ ଆତ୍ମୀୟସ୍ୱଜନ ଭାବରେ ସ୍ୱାଗତ କରିବ; ସବୁଧର୍ମ ମନୁଷ୍ୟକୁ ଏହି ମାର୍ଗରେ ପ୍ରଶିକ୍ଷିତ କରିବାକୁ ପ୍ରୟାସ କରନ୍ତି। ମୁସଲମାନ, ଖ୍ରୀଷ୍ଟିଆନ୍, ବୌଦ୍ଧ, ଇହୁଦୀ, ପାର୍ଶୀ, ସମସ୍ତେ ସତ୍‌କର୍ମ ଦ୍ୱାରା ଚିତ୍ତଶୁଦ୍ଧି ବଳରେ ସେହି ଜ୍ଞାନ ଲାଭ କରିବାକୁ ଆକାଂକ୍ଷା କରନ୍ତି। ଏସବୁର ବୀଜ ବେଦାନ୍ତର ସନାତନ ଧର୍ମରେ ଅଛି।

***ପୂର୍ବତନ ଆବାହକ, ଶ୍ରୀ ସତ୍ୟସାଇ ସେବା ସମିତି, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,***
***ଦୂରଭାଷ : ୯୪୩୯୮୮୪୭୮୫***




# ବଲାଣି ଖଣି ସମ୍ମୁଖରେ ନାଏବ ସରପଂଚଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ପ୍ରସଙ୍ଗରେ ନୂଆ ମୋଡ଼

ବଲାଣି, (ପି.ଏନ): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧିନସ୍ଥ ବଲାଣି ଖଣି ମୁଖ୍ୟ ଫାଟକ ସମ୍ମୁଖରେ ବିଭିନ୍ନ ଦାବି ନେଇ ବାଲାଗୋଡ଼ା ପଂଚାୟତର ନାଏବ ସରପଂଚ ଲକ୍ଷୀନ୍ଦର କୌରଙ୍କ ନେତୃତ୍ୱରେ ଗତ ସୋମବାର ଠାରୁ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ ନୂତନ ମୋଡ଼ ନେଇଛି। ଶୁକ୍ରବାର ବଲାଣି ସରପଂଚ ମୁଗା ମୁଣ୍ଡା, ବାଲାଗୋଡ଼ା ସରପଂଚଙ୍କ ପ୍ରତିନିଧି ଅମ୍ରିତ ଖୁଣ୍ଟିଆ, ଏ ଆଇ ଟି ୟୁ ସି ଶ୍ରମିକ ସଂଗଠନ ବଲାଣି ଶାଖାରର ସାଧାରଣ ସମ୍ପାଦକ ଅରବିନ୍ଦ ସାହି, ଏଚ ଏମ ଏସ୍ ଶ୍ରମିକ ସଂଗଠନ ବଲାଣି ଶାଖାର ସାଧାରଣ ସମ୍ପାଦକ ହେମନ୍ତ ଖଟୁଆ ଶତାଧିକ ସଂଖ୍ୟାରେ ନିଜ ନିଜ ସମର୍ଥକଙ୍କ ସହ ଆନ୍ଦୋଳନ ସ୍ଥଳରେ ପହଂଚିବା ପରେ ନାଏବ ସରପଂଚ ଗୋଷ୍ଠୀ ଆନ୍ଦୋଳନ ସ୍ଥଳରୁ ଛତ୍ରଭଙ୍ଗ ଦେଇଥିବା ଦେଖାଦେଇଛି। ଦୁଇ ପଂଚାୟତର ସରପଂଚ ଓ ଶ୍ରମିକ ସଂଗଠନର ନେତାମାନଙ୍କ ସମର୍ଥକ ମାନେ ଆନ୍ଦୋଳନ ସ୍ଥଳକୁ ଜଗି ରହିଥିବା ବେଳେ ଉଭୟ ପଂଚାୟତର ସରପଂଚ ଓ ଉଭୟ ଶ୍ରମିକ ସଂଗଠନ ର ନେତା ବଲାଣି ଖଣି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ଓ ବାହାରକୁ ଆସି ନାଏବ ସରପଂଚଙ୍କ ଦ୍ୱାରା ହେଉଥିବା ଆନ୍ଦୋଳନ ଅସଙ୍ଗତ ଓ ଅସାମ୍ବାଧନିକ ବୋଲି ଗଣ ମାଧ୍ୟମକୁ କହିଥିଲେ। ଅନ୍ୟପକ୍ଷରେ ନାଏବ ସରପଂଚଙ୍କ ନେତୃତ୍ୱରେ ହେଉଥିବା ଆନ୍ଦୋଳନ ବିନା ଫଇସଲାରେ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ତେବେ ଏ ନେଇ ନାଏବ ସରପଂଚଙ୍କ ନେତୃତ୍ୱରେ ହେଉଥିବା ଆନ୍ଦୋଳନରେ ଉପସ୍ଥିତ ଥିବା ନେତୃବୃନ୍ଦଙ୍କ ପକ୍ଷରୁ କୌଣସି ସଦସ୍ୟ ଆନୁଷ୍ଠାନିକ ଭାବରେ କୌଣସି ବୟାନ ଦେଇନଥିବାବେଳେ ଆନ୍ଦୋଳନକାରୀ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ବଲାଣି ଖଣି କର୍ତ୍ତୃପକ୍ଷଙ୍କୁ ଦେଇ ଆନ୍ଦୋଳନରୁ ପ୍ରତ୍ୟାହୃତ ହୋଇଛନ୍ତି ବୋଲି ସୂଚନା ରହିଛି । ପ୍ରକାଶ ଥାଉକି ବଲାଣି ଖଣିରେ ବିଭିନ୍ନ ପଦରେ ସ୍ଥାୟୀ ନିଯୁକ୍ତିରେ ବାହାର ରାଜ୍ୟର ଯୁବକଙ୍କୁ ନିଯୁକ୍ତି ପ୍ରଦାନ ବିରୋଧ ସହିତ ଠିକା ନିଯୁକ୍ତିରେ ବିଭିନ୍ନ ଶ୍ରମିକ ସଂଗଠନ ଓ ଦୁଇ ପଂଚାୟତର ସରପଂଚଙ୍କ ସୁପାରିଶ କ୍ରମେ ନିଯୁକ୍ତି ପ୍ରଦାନରେ ଅର୍ଥ କାରବାର ହେଉଥିବା ଅଭିଯୋଗ ସହ ଗୁରୁଦ୍ୱାରା ଠାରୁ କୂଟନ ଛକ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ଓ ବଲାଣି ଖଣିର ନିଜସ୍ୱ ବିଦ୍ୟାଳୟ ଡି ଏ ଭି ବଲାଣି ସ୍କୁଲରେ ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କ ଘୋର ଅଭାବକୁ ଦୂର କରିବାକୁ ଯଥାଶୀଘ୍ର ଖାଲି ପଡିଥିବା ସ୍ଥାନରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଦାବିରେ ନାଏବ ସରପଂଚ ଲକ୍ଷୀନ୍ଦର କୌରଙ୍କ ନେତୃତ୍ୱରେ ସ୍ଥାନୀୟ ଶତାଧିକ ମହିଳା ଓ ପୁରୁଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଲାଣି ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ ରେ ବସିଥିଲେ। ତେବେ ଶୁକ୍ରବାର ମଧାହ୍ନ ରେ ସରପଂଚ ଗୋଷ୍ଠୀ ଓ ଶ୍ରମିକ ସଂଗଠନର ସମର୍ଥକ ମାନେ ଘଟଣା ସ୍ଥଳରେ ପହଂଚିବା ପରେ ଆନ୍ଦୋଳନକାରୀ ଘଟଣାସ୍ଥଳରୁ ଦୁରେଇ ଯାଇଥିଲେ। ଅନ୍ୟ ପକ୍ଷରେ ଉଭୟ ସରପଂଚ ଠିକା କର୍ମଚାରୀ ନିଯୁକ୍ତିରେ ଅର୍ଥ କାରବାର ଅଭିଯୋଗକୁ ସିଧା ସଳଖ ଖଣ୍ଡନ କରିଥିବା ବେଳେ ଠିକା ନିଯୁକ୍ତିରେ ସରପଂଚଙ୍କ ସୁପାରିଶ ନ୍ୟାୟ ସଙ୍ଗତ ବୋଲି ବଲାଣି ଓ ବାଲାଗୋଡ଼ା ସରପଂଚ କହିଛନ୍ତି। ଆନ୍ଦୋଳନ ଯୋଗୁଁ ବଲାଣି ଖଣିର ପାନପୋଷ ଓ ଡି- ଏରିଆ ଖଣି କ୍ଷେତ୍ରରେ ଖଣିଜ ପଦାର୍ଥ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ଉଭୟ ଖଣିଜ କ୍ଷେତ୍ରରେ ଉତୋଳନ ଓ ପରିବହନ କାର୍ଯ୍ୟରେ ନିଯୁକ୍ତ ଠିକାଦାର କାର୍ଯ୍ୟରତ ଶ୍ରମିକଙ୍କ ଉପସ୍ଥାନ ସତ୍ତ୍ୱେ ଦୈନିକ ମଜୁରୀ ଦେବାକୁ ମନା କରିଦେବାକୁ ସୂଚନା ପ୍ରଦାନକୁ ଉଭୟ ଶ୍ରମିକ ସଂଗଠନର ନେତା ବିରୋଧ କରି ଡି-ଏରିଆ ଓ ପାନପୋଷ କ୍ଷେତ୍ରରେ କାର୍ଯ୍ୟକରୁଥିବା ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଦୈନିକ ମଜୁରୀ ପ୍ରଦାନ କରିବାକୁ ବଲାଣି ଖଣି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ।

## ଆଇନ ସେବା ସମିତି ଆନୁକୂଲ୍ୟରେ ବାଲାଗୋଡା ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ବଲାଣି, (ପି.ଏନ): ୭୪ ତମ ଜାତୀୟ ବନ ମହୋତ୍ସବ ସପ୍ତାହ ପାଳନ ପରିପ୍ରେକ୍ଷୀରେ ଆଇନ ସେବା ସମିତି ଆନୁକୂଲ୍ୟରେ ସ୍ଥାନୀୟ ବାଲାଗୋଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ବିଲ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମଲ୍ଲିକା ଗୋଏଙ୍କା ଓ ଶ୍ରେୟା ଶତପଥି ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲାଗୋଡ଼ା ସରପଂଚ ଗୌରୀ ଖୁଂଟିଆ, ବଡ଼ବିଲ ବନପାଳ ଶରଣ ବାରିକ , ବଲାଣି ବନପାଳ ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିର ଶାଖାର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର, (ପି.ଏନ): ନୃସିଂହ ମନ୍ଦିର ବଲାଙ୍ଗିର ଠାରେ ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗିର ର ଏକ ବୈଠକ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ସାଧାରଣ ସଂପାଦକ ମଲିଆ ଗଡୁଆ ପୂର୍ବ ବୈଠକର ବିବରଣୀ ପାଠ କରିବା ସଙ୍ଗେ ସଙ୍ଗେ ଆୟ ବ୍ୟୟ ଉପସ୍ଥାପନ କରିଥିଲେ । ଆଜିବନ ସଦସ୍ୟତା ଗ୍ରହଣ କରିଥିବା ଚୈତନ୍ୟ ପଟେଲ, ସାରଥି ପଟେଲ, ରମେଶ ଚନ୍ଦ୍ର ନାଏକ ଏବଂ ବିରଂଚି ସାଏଙ୍କ ସଂଘକୁ ସ୍ୱାଗତ କରାଯାଇଥିଲା ଏବଂ ସେହି ସଭ୍ୟବୃନ୍ଦ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ସଂଘର ବରିଷ୍ଠ ସଭ୍ୟ ବିରଂଚି ବହିଦାର ସରକାରୀ କର୍ମଚାରୀ ତଥା ଶିକ୍ଷକମାନଙ୍କର ନିଯୁକ୍ତି ରାଜ୍ୟ ସ୍ତରୀୟ ନ ହୋଇ ଜିଲ୍ଲା ସ୍ତରୀୟ ହେବା ଉଚିତ ବୋଲି ପ୍ରସ୍ତାବ ଆଗତ କରିଥିଲେ। ଏହି ବିଷୟରେ ଆଲୋଚନା କରାଯାଇ ଓଡିଶା ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ସଭାପତି ଏବଂ ସାଧାରଣ ସଂପାଦକଙ୍କୁ କ୍ଷମତା ପ୍ରଦାନ କରାଗଲା। ତା ପରେ ଚଳିତ ମାସ ୩୧ ତାରିଖରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଭୁବନେଶ୍ୱର ର ମାସିକ ବୈଠକରେ ଯୋଗଦାନ କରିବା ସକାଶେ ସଂପାଦକଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଗଲା । ସଭାରେ ୮ ଜଣ କାର୍ଯ୍ୟକାରିଣୀ ସଭ୍ୟଙ୍କ ସମେତ ସର୍ବମୋଟ ୨୪ ଜଣ ସଭ୍ୟ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ବରିଷ୍ଠ ସଭ୍ୟ ଲୋକନାଥ ନେପାକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି । ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରୂପାନ୍ତରିତ ହେବ ଦାରିଙ୍ଗବାଡ଼ି ଅଂଚଳର ୧୫ ଟି ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ କେନ୍ଦ୍ର

କନ୍ଧମାଳ ,(ପି.ଏନ): ରାଜ୍ୟର କଶ୍ମୀର ଭାବରେ ପରିଚିତ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଂଚଳରେ ଅନେକ ସମସ୍ୟା ରହିଛି। ପିଇବାପାଣିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନକ୍ଷେତ୍ର ଆଦିର ସମସ୍ୟା ଏବେ ସୁଦ୍ଧା ରହିଥିବାବେଳେ ଏବେ ଏହାର ବିକାଶ ପଥରେ ଆଗକୁ ବଢ଼ିବାକୁ ଉଦ୍ୟମ କରୁଛି ପ୍ରଶାସନ। ଶିକ୍ଷାର ବିକାଶ ପାଇଁ ନାହିଁ ନାହିଁରେ ଚାଲିଥିବା ଉଚ୍ଚ ବିଦ୍ୟାଳୟର ଭିତିଭୂମିକୁ ସୁଦୃଢ଼ କରିବାକୁ ପ୍ରଥମ ପର୍ଯ୍ୟାୟରେ ଉକ୍ତ ବ୍ଲକ ସିମନବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ବୁଢ଼ାଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ରୂପାନ୍ତରୀକରଣ କରାଯାଇଥିଲା। ସରକାରଙ୍କ ୫-ଟି ଯୋଜନାରେ ବିଦ୍ୟାଳୟଗୁଡ଼ିକୁ ସ୍ମାର୍ଟ ବିଦ୍ୟାଳୟରେ ପରିବର୍ତନ କରାଗଲା। ଏଥିପାଇଁ ମଡର୍ନ ସାଇନ୍ସ ଲ୍ୟାବ, ହାଇଜେନିକ ଟଏଲେଟ, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଇ-ଲାଇବ୍ରେରୀ, ଶିକ୍ଷାଦାନ ପାଇଁ ଅତ୍ୟାଧୁନିକ ବ୍ଲାକ ବୋର୍ଡ, ଏଲ୍ଇ ପ୍ରୋଜେକ୍ଟର, ପିଲାଙ୍କୁ ବସିବା ପାଇଁ ଟେବୁଲ, ଚେୟାର ଭଳି ବ୍ୟବସ୍ଥା ସହ ସାଇକେଲ ଷ୍ଟାଣ୍ଡ କରାଯାଇ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ହୋଇଛି। ଏଥିରେ ଟିମ୍ ୱାର୍କକୁ ଅର୍ଥାତ ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ରୀଛାତ୍ର କମିଟି ସ୍ଥାନୀୟ ଲୋକପ୍ରତିନିଧି, ସମାଜସେବୀ, ବିଭିନ୍ନ ଅନୁଷ୍ଠାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ପ୍ରସ୍ତୁତି ବୈଠକ କରାଯାଇ ବିଦ୍ୟାଳୟଗୁଡ଼ିକର ବିକାଶ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୭ଟି ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରୀକରଣ କାର୍ଯ୍ୟ କରାଯାଇଥିଲା ଏବଂ ତୃତୀୟ ପର୍ଯ୍ୟରେ ୧୧ଟି ଏବଂ ଚତୁର୍ଥ ପର୍ଯ୍ୟାୟ ତଥା ଶେଷରେ ମୋଟ ୧୫ଟି ବିଦ୍ୟାଳୟର ରୂପାନ୍ତରୀକରଣ କରାଯିବାକୁ ଏବେ ଭଙ୍ଗା ଦଦରା ବିଦ୍ୟାଳୟଗୁଡ଼ିକରେ ପ୍ରସ୍ତୁତି ବୈଠକ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଉଛି।

# ଡିଏସ୍ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଠକ୍ଷଶ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍ଗୁଡିକ ପ୍ରିମିୟମ ବ୍ରାଣ୍ଡ୍ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧି ଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍ପି ଏମଏଫ୍ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଠାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ମୋ ଓଡ଼ିଶା

## ସବୁଜିମାର ଜୀବନ



ପ୍ରକୃତିକୁ ମା' ସହ ତୁଳନା କରାଯାଇଥାଏ। ମଣିଷ ଜୀବନର ପ୍ରତିଟି ଜୀବନ, ପ୍ରତିଟି କ୍ଷଣ ସର୍ବଂସହା ପ୍ରକୃତି ସହ ଜଡ଼ିତ। ଜଣେ ପ୍ରକୃତିର କୋଳରେ ହିଁ ସୁରକ୍ଷିତ କିନ୍ତୁ ବିଭିନ୍ନ ଭାବରେ ପ୍ରକୃତି ଆଜି ଯେଉଁପରି ଭାବରେ ଉଦ୍‌ବେଗଜନକ ସ୍ଥିତିରେ ଅବକ୍ଷୟର ଶିକାର ହେଉଛି ତାହା ହିଁ ଆଜି ସମୟ ପାଇଁ ବଡ଼ ଆହ୍ୱାନ। ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସବୁକ୍ଷେତ୍ରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଚାଲିଛି, ବିଭିନ୍ନ ଆନ୍ଦୋଳନ ବି ନୂଆ ନୂଆ ସ୍ଲୋଗାନ ନେଇ କାର୍ଯ୍ୟ କରୁଛନ୍ତି ତଥାପି ଦେଖାଯାଉଛି ପ୍ରକୃତିର ଅବକ୍ଷୟ ପାଇଁ ଆମ ସମସ୍ତଙ୍କ ଭିତରେ ଯେଉଁ ପରିମାଣର ଆବେଗ, ଦାୟିତ୍ୱବୋଧତା ଓ ଭଲପାଇବା ରହିବା କଥା ତାହା ସମ୍ଭବତଃ ଯଥାର୍ଥ ହୋଇପାରୁନାହିଁ। ଆଜିର ଅବକ୍ଷୟମୁଖୀ ପ୍ରକୃତିକୁ ରକ୍ଷା କରିବା ଲାଗି ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାର (ଚଳିତବର୍ଷ ଅକ୍ଟୋବର ୩)କୁ ୱାର୍ଲ୍ଡ ହାବିଟାଟ୍ ଡେ ବିଶ୍ୱ ପ୍ରାକୃତିକ ବାସ ଦିବସ ଭାବରେ ପାଳନ କରାଯାଉଛି। ୧୯୮୫ ଡିସେମ୍ବରରେ ମିଳିତ ଜାତିସଂଘ ସାଧାରଣ ପରିଷଦର ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହି ଅଧିବେଶନରେ ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାରକୁ ୱାର୍ଲ୍ଡ ହାବିଟାଟ୍ ଡେ ଭାବରେ ପାଳନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ୧୯୮୬ରୁ ଏ ପର୍ଯ୍ୟନ୍ତ ଠିକ୍ ସେହିଦିନ ଏହି ଦିବସକୁ ପାଳନ କରାଯାଉଛି। ପ୍ରକୃତିର ସବୁଜିମା ପରିବେଶ ଭାରି ମନୋରମ। କିନ୍ତୁ ଆଜିକାଲି ଏହା ଅନେକ ଜାଗାରେ ସ୍ୱପ୍ନ ପାଲଟି ଗଲାଣି। ମଣିଷ ଆଦିମ ଅବସ୍ଥାରେ ବଣ ଜଙ୍ଗଲରେ ରହୁଥିଲା। ଧୀରେ ଧୀରେ ଚାଷ କରି ଶିଖିଲା। ସମୟ ସହ ତାଳ ମିଳାଇ ନିଜ ପାଇଁ ମାନବ ସମାଜ ରହିବାକୁ ଯେଉଁ ପ୍ରଣାଳୀ ଅବଲମ୍ବନ କରୁଛି ତାହା ଦ୍ୱାରା ପ୍ରକୃତି କ୍ଷତିଗ୍ରସ୍ତ ହେଉଛି। ସହରୀକରଣ ତାହାର କାୟା ବିସ୍ତାର କରି ଚାଲିଛି। ତା'ସହ କଳକାରଖାନା ପ୍ରତିଷ୍ଠା ପାଇଁ ଜଙ୍ଗଲ କଟାଯାଉଛି। ଫଳରେ ଜଙ୍ଗଲ କ୍ଷୟ ହେବା ସହ ଅନେକ ପଶୁପକ୍ଷୀ ବାସହରା ହେଉଛନ୍ତି। ଏଥିପାଇଁ କେତେକ ପ୍ରଜାତିର ପଶୁପକ୍ଷୀ ଲୋପ ପାଇଗଲେଣି ତ ଆଉ କେତେକଙ୍କ ସଂଖ୍ୟା ଦିନକୁ ଦିନ କମି ଚାଲିଛି। ମଣିଷ ସିନା ବଞ୍ଚି ଯାଉଛି ହେଲେ କଂକ୍ରିଟ ଜଙ୍ଗଲ ପାଇଁ ସବୁଜିମା ପରିବେଶର କେତେ କ୍ଷତି ହେଉଛି ତାହା ବିଚାରସାପେକ୍ଷ। କଳକାରଖାନା ଚାଲିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ତେଣୁ ପରିବେଶକୁ କିପରି ପ୍ରଦୂଷଣମୁକ୍ତ ରଖାଯିବ ଏବଂ ତା'ସହ ପ୍ରକୃତିର ସେହି ସବୁଜ ବଳୟ କିପରି ପ୍ରଭାବିତ ହେବନାହିଁ ସେ ନେଇ ଚିନ୍ତା କରିବାର ସମୟ ଆସିଛି। ଏହି ଦିବସ ପାଳନ ଅବସରରେ ପ୍ରାକୃତିକ ବାସ କିପରି ସୁରକ୍ଷିତ ରହିବ ସେ ସେଇ ଜନସଚେତନତା ସୃଷ୍ଟି କରାଯାଇଥାଏ। ଯଦି ଏହା ପ୍ରତି ନଜର ଦିଆ ନଯାଏ ତେବେ ସମୟ ଆସିବ ପ୍ରକୃତିର ଏହି ସବୁଜିମା ବଳୟ ସବୁଦିନ ପାଇଁ ଲୋପ ପାଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ବର୍ତ୍ତମାନ ମଣିଷ ସାମଗ୍ରିକ ବିକାଶ ପାଇଁ ଯେଉଁ ଅଭିବୃଦ୍ଧି ଓ ବିକାଶର ଗତିରେ ଚାଲୁଛି ତାହା ନିଶ୍ଚିନ୍ତ ତାହାର ଦାୟିତ୍ୱବୋଧତା କିନ୍ତୁ ଏହା ସହ ପ୍ରକୃତିର ସଂରକ୍ଷଣ ଓ ଏହାର ସୁରକ୍ଷା ପାଇଁ ଆମ୍ଭମାନଙ୍କର ଦାୟିତ୍ୱ ଯାହା ରହିଛି ତାହା ଏହି ଦିବସ ଠାରୁ ବାସ୍ତବରେ ପରିଣତ ହୋଇ କିଛିଟା କାର୍ଯ୍ୟକାରୀ ହୋଇପାରିଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ପୂରଣ ହୋଇପାରିବ।

**ଗୋପୀନାଥ ଦାଶ**, ବରଦା, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୮୮୯୫୨୯୬୧୬୭

## ବଲାଣି ଖଣି ସମ୍ମୁଖରେ ନାଏବ ସରପଂଚଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ପ୍ରସଙ୍ଗରେ ନୂଆ ମୋଡ଼

ବଲାଣି,(ପି.ଏନ): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧିନସ୍ଥ ବଲାଣି ଖଣି ମୁଖ୍ୟ ଫାଟକ ସମ୍ମୁଖରେ ବିଭିନ୍ନ ଦାବି ନେଇ ବାଲାଗୋଡ଼ା ପଂଚାୟତର ନାଏବ ସରପଂଚ ଲକ୍ଷୀନ୍ଦର କୌରଙ୍କ ନେତୃତ୍ୱରେ ଗତ ସୋମବାର ଠାରୁ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ ନୂତନ ମୋଡ଼ ନେଇଛି। ଶୁକ୍ରବାର ବଲାଣି ସରପଂଚ ମୁଗା ମୁଣ୍ଡା, ବାଲାଗୋଡ଼ା ସରପଂଚଙ୍କ ପ୍ରତିନିଧି ଅମ୍ରିତ ଖୁଣ୍ଟିଆ, ଏ ଆଇ ଟି ୟୁ ସି ଶ୍ରମିକ ସଂଗଠନ ବଲାଣି ଶାଖାରର ସାଧାରଣ ସମ୍ପାଦକ ଅରବିନ୍ଦ ସାହି, ଏଚ ଏମ ଏସ୍ ଶ୍ରମିକ ସଂଗଠନ ବଲାଣି ଶାଖାର ସାଧାରଣ ସମ୍ପାଦକ ହେମନ୍ତ ଖଟୁଆ ଶତାଧିକ ସଂଖ୍ୟାରେ ନିଜ ନିଜ ସମର୍ଥକଙ୍କ ସହ ଆନ୍ଦୋଳନ ସ୍ଥଳରେ ପହଂଚିବା ପରେ ନାଏବ ସରପଂଚ ଗୋଷ୍ଠୀ ଆନ୍ଦୋଳନ ସ୍ଥଳରୁ ଛତ୍ରଭଙ୍ଗ ଦେଇଥିବା ଦେଖାଦେଇଛି। ଦୁଇ ପଂଚାୟତର ସରପଂଚ ଓ ଶ୍ରମିକ ସଂଗଠନର ନେତାମାନଙ୍କ ସମର୍ଥକ ମାନେ ଆନ୍ଦୋଳନ ସ୍ଥଳକୁ ଜଗି ରହିଥିବା ବେଳେ ଉଭୟ ପଂଚାୟତର ସରପଂଚ ଓ ଉଭୟ ଶ୍ରମିକ ସଂଗଠନ ର ନେତା ବଲାଣି ଖଣି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ଓ ବାହାରକୁ ଆସି ନାଏବ ସରପଂଚଙ୍କ ଦ୍ୱାରା ହେଉଥିବା ଆନ୍ଦୋଳନ ଅସଙ୍ଗତ ଓ ଅସାମ୍ବାଧନିକ ବୋଲି ଗଣ ମାଧ୍ୟମକୁ କହିଥିଲେ। ଅନ୍ୟପକ୍ଷରେ ନାଏବ ସରପଂଚଙ୍କ ନେତୃତ୍ୱରେ ହେଉଥିବା ଆନ୍ଦୋଳନ ବିନା ଫଇସଲାରେ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ତେବେ ଏ ନେଇ ନାଏବ ସରପଂଚଙ୍କ ନେତୃତ୍ୱରେ ହେଉଥିବା ଆନ୍ଦୋଳନରେ ଉପସ୍ଥିତ ଥିବା ନେତୃବୃନ୍ଦଙ୍କ ପକ୍ଷରୁ କୌଣସି ସଦସ୍ୟ ଆନୁଷ୍ଠାନିକ ଭାବରେ କୌଣସି ବୟାନ ଦେଇନଥିବାବେଳେ ଆନ୍ଦୋଳନକାରୀ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ବଲାଣି ଖଣି କର୍ତ୍ତୃପକ୍ଷଙ୍କୁ ଦେଇ ଆନ୍ଦୋଳନରୁ ପ୍ରତ୍ୟାହୃତ ହୋଇଛନ୍ତି ବୋଲି ସୂଚନା ରହିଛି। ପ୍ରକାଶ ଥାଉକି ବଲାଣି ଖଣିରେ ବିଭିନ୍ନ ପଦରେ ସ୍ଥାୟୀ ନିଯୁକ୍ତିରେ ବାହାର ରାଜ୍ୟର ଯୁବକଙ୍କୁ ନିଯୁକ୍ତି ପ୍ରଦାନ ବିରୋଧ ସହିତ ଠିକା ନିଯୁକ୍ତିରେ ବିଭିନ୍ନ ଶ୍ରମିକ ସଂଗଠନ ଓ ଦୁଇ ପଂଚାୟତର ସରପଂଚଙ୍କ ସୁପାରିଶ କ୍ରମେ ନିଯୁକ୍ତି ପ୍ରଦାନରେ ଅର୍ଥ କାରବାର ହେଉଥିବା ଅଭିଯୋଗ ସହ ଗୁରୁଦ୍ୱାରା ଠାରୁ କୁଟନ ଛକ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ଓ ବଲାଣି ଖଣିର ନିଜସ୍ୱ ବିଦ୍ୟାଳୟ ଡି ଏ ଭି ବଲାଣି ସ୍କୁଲରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ ଘୋର ଅଭାବକୁ ଦୂର କରିବାକୁ ଯଥାଶୀଘ୍ର ଖାଲି ପଡିଥିବା ସ୍ଥାନରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଦାବିରେ ନାଏବ ସରପଂଚ ଲକ୍ଷୀନ୍ଦର କୌରଙ୍କ ନେତୃତ୍ୱରେ ସ୍ଥାନୀୟ ଶତାଧିକ ମହିଳା ଓ ପୁରୁଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଲାଣି ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ ରେ ବସିଥିଲେ।

## ଓଡିଶା ସୀମା ସମସ୍ୟା: ଛତିଶଗଡ ଭୁଲ ସ୍ୱୀକାର କଲା, ଆନ୍ଧ୍ର ଓ ପଶ୍ଚିମବଙ୍ଗ କେବେ ?

ଭୁବନେଶ୍ୱର (ପିଏନ୍): ନିକଟରେ ଛତିଶଗଡର ଚିନ୍ତଲନାଡବାସୀ ଓଡିଶା ଭିତରେ ପଶି ଶହ ଶହ ଗଛ କାଟିଦେବା ପରେ ୩ କିଲୋମିଟର ଅଞ୍ଚଳକୁ ସଫା କରି ସେହି ଅଞ୍ଚଳକୁ ନିଜ ରାଜ୍ୟରେ ମିଶାଇ ଦେବା ପାଇଁ ଚେଷ୍ଟା କରୁଥିଲେ। ଏହି ଖବର ଆମ ବନ ବିଭାଗ ଓ ତହସିଲଦାରଙ୍କୁ ମିଳିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ଦୁଇ ରାଜ୍ୟର ଅଧିକାରୀ ଏବଂ ଚିନ୍ତଲନାଡ ଓ କମାରପାଲୀର ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଚିନ୍ତଲନାଡ ଗ୍ରାମବାସୀ ଓଡିଶା ଭିତରେ ପଶି ଗଛ କାଟିବା ସହିତ ନିଜ ରାଜ୍ୟରେ ମିଶାଇବାକୁ ଚେଷ୍ଟା କରୁଥିଲେ ବୋଲି ମାନିବା ସହ ଏହା ତାଙ୍କର ଭୁଲ ଥିଲା ବୋଲି ସ୍ୱୀକାର କରିଥିଲେ ଓ ଆଗକୁ ଏମିତି ହେବ ନାହିଁ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଛତିଶଗଡରେ ଆପୋଷ ଆଲୋଚନା ହେବା ଦ୍ୱାରା ସୀମା ବିବାଦ ଟଳି ଯାଇଥିବାରୁ ଉତ୍କଳ ସମ୍ମିଳନୀ ଏହାକୁ ସ୍ୱାଗତ କରିବା ସହିତ ଏହିଭଳି ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗ କେବେ ନିଜ ଭୁଲ ସ୍ୱୀକାର କରିବେ ଓ ଆଗକୁ ଏଭଳି ହେବନାହିଁ ବୋଲି ପ୍ରତିଶ୍ରୁତି ଦେବାପାଇଁ ଉତ୍କଳ ସମ୍ମିଳନୀ ପ୍ରଶ୍ନ କରିଛି । ଓଡିଶା ସୀମା ଭିତରେ ୩ କିଲୋମିଟର ଜଙ୍ଗଲ କଟା ହେଲା ଓ ଏହା କେହି କିପରି ଜାଣିପାରିଲେ ନାହିଁ ବୋଲି ଆଶ୍ଚର୍ଯ୍ୟ ପ୍ରକଟ କରି ଏହାଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଜେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଦାବି କରିଛନ୍ତି।

## ଶକ୍ତି ରୂପେଣ ସଂସ୍ଥିତା...

*"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା*
*ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ"*



ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି । ଶକ୍+ତି= ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି । 'ଶକ୍' ଧାତୁ ସମର୍ଥ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି । ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ; ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି । ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ । ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ । ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ । ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ । ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି । ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ । ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି; ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି ।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଳୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା



ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି; ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏହି ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ; ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ । ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ । 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି । ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ। ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ। ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୂକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି। ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା। ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା। ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ଼୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-



ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା। ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ। ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା; ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ / ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା। ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ। ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ। ଦେବତାମାନଙ୍କ କୋପାନଳରୁ ସମ୍ଭୁତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ। ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ। ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ । ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ । ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ - ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଳୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା



ରୂପେ ନାମିତ କରିଛନ୍ତି । ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି। ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ। ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାନ୍ତାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।

ଏହି ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି। ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ। ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି । ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି। ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଳିଷ୍ଟ । ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି। ଏପରିକି ଶ୍ରମନ୍ଦିର ରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ। ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ । ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି। ଏତଦ୍‌ଭିନ୍ନ ମା' ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ; ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

**—ଡକ୍ଟର ମନୋରଞ୍ଜନ ବିଷୋୟୀ**
*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭, ଫୋନ୍: ୮୮୯୫୧୪୧୭୨୭*


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ମୌସୁମୀର ଲୁଚକାଳି

ଆମ ଦେଶରେ କୃଷି ଓ କୃଷକର ଜୀବନରେଖା ଭାବେ ପରିଚିତ ଦକ୍ଷିଣ-ପଶ୍ଚିମ ମୌସୁମୀର ଲୁଚକାଳି ଯୋଗୁଁ ଚଳିତ ବର୍ଷ ଆରମ୍ଭରୁ ରାଜ୍ୟରେ ମରୁଡି ଆଶଙ୍କା ସୃଷ୍ଟି ହୋଇଛି। ବର୍ଷାକୁ ଚାହିଁ ଚାହିଁ ଜୁଲାଇ ମାସର ପ୍ରଥମ ସପ୍ତାହ ଅତିକ୍ରମ କଲାଣି କିନ୍ତୁ ଲଗାଣ ବର୍ଷାର ଦେଖାନାହିଁ। ଚଳିତ ବର୍ଷ ଦେଶରେ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ କମ୍ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଗତ ଏପ୍ରିଲ ମାସରେ ପୂର୍ବାନୁମାନ କରିଥିବାବେଳେ ପରବର୍ତୀ ସମୟରେ ସ୍ୱାଭାବିକ ବର୍ଷା ହେବା ନେଇ ଆକଳନ କରିଥିଲା। କିନ୍ତୁ ଆରମ୍ଭ ରୁ ହିଁ ବିକ୍ଷିପ୍ତ ମୌସୁମୀ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୨୦ଟି ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ହୋଇଛି। ୨୦ଟି ଜିଲ୍ଲାର ୨୧ଟି ବ୍ଲକ ନିଅଟିଂଆ ବର୍ଷାର ସମ୍ମୁଖୀନ ହୋଇଛି। ଯେଉଁଠି ବର୍ତମାନ ସୁଦ୍ଧା ଚାଷ କାର୍ଯ୍ୟ ଆରମ୍ଭ ହୋଇନାହିଁ କି ଧାନ ବୁଣା ବୁଣି ଆରମ୍ଭ ହୋଇପାରିନାହିଁ। ସେହିପରି ତଳି ପାକ କାର୍ଯ୍ୟ ମଧ୍ୟ ହୋଇନାହିଁ। ବର୍ତମାନ ସୁଦ୍ଧା ରାଜ୍ୟରେ ୨୮ପ୍ରତିଶତ ନିଅଟିଂଆ ବର୍ଷା ହୋଇଛି। ଆଗାମୀ ସପ୍ତାହକ ମଧ୍ୟରେ ଯଦି ପ୍ରଚୁର ବର୍ଷା ନହୁଏ, ତେବେ ଚାଷ ସ୍ଥିତି ସାଂଘାତିକ ହୋଇଯିବା ନେଇ ଚାଷୀ ଆଶଙ୍କା ପ୍ରକାଶ କଲେଣି। କେବଳ ଧାନ ନୁହେଁ ଅଣ ଧାନ ଫସଲ ମଧ୍ୟ ଗୁରୁତ୍ୱର ଭାବେ ବ୍ୟାହତ ହେବ। କୃଷି ବିଭାଗର ସୂଚନା ଅନୁଯାୟୀ ଚଳିତ ବର୍ଷ ରାଜ୍ୟରେ ମୋଟ ୬ଲକ୍ଷ ୮୦ହଜାର ୨୪୬ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇଛି। ରାଜ୍ୟର ଭାତହାଣ୍ଡି ଭାବେ ପରିଚିତ କଳାହାଣ୍ଡି ଜିଲ୍ଲାରେ ବର୍ତମାନ ସୁଦ୍ଧା ୬୬ପ୍ରତିଶତ ନିଂଅଟିଆ ବର୍ଷା ହୋଇଥିବାରୁ ଭାତହାଣ୍ଡି ପ୍ରତି ଶକ୍ତ ଧକ୍କା ଲାଗିବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। କେବଳ କଳାହାଣ୍ଡି ନୁହେଁ, କନ୍ଧମାଳରେ ୬୬ପ୍ରତିଶତ, ରାୟଗଡାରେ ୨୫ପ୍ରତିଶତ, ମୟୂରଭଞ୍ଜରେ ୫୪%, ଗଂଜାମରେ ୪୭%, ବାଲେଶ୍ୱରରେ ୪୫%, ବଲାଙ୍ଗୀରରେ ୪୩%, ପୁରୀରେ ୪୨%, ଖୋର୍ଦ୍ଧାରେ ୩୯%, ଜଗତସିଂହପୁରରେ ୩୮%, କଟକରେ ୩୮%, ନୟାଗଡରେ ୪୧% ବର୍ଷା କମ ହୋଇଛି। ସପ୍ତାହକ ମଧ୍ୟରେ ଯଦି ଭଲ ବର୍ଷା ନହୁଏ, ତେବେ ଯେଉଁଠି ଧାନ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ବୁଣା ହୋଇଛି, ଗଜା ମରୁଡି ନିଶ୍ଚିତ ବୋଲି କୃଷି ବିଶାରଦମାନେ ମତ ଦେଇଛନ୍ତି। ଏହା ସତ୍ୟ ଯେ, ବନ୍ୟା, ବାତ୍ୟା, ମରୁଡି ହେଉଛି ଓଡିଶାରେ ଚୀର ସହଚର। ଗତ ୨୦୧୬ ମସିହାରେ ରାଜ୍ୟରେ ମରୁଡି ହୋଇଥିବାବେଳେ ଭଲବର୍ଷା ଯୋଗୁଁ ଗତ ୭ବର୍ଷ ଧରି ରାଜ୍ୟରେ ମରୁଡି ହୋଇନଥିଲା। ପଳସ୍ୱରୁପ ଓଡିଶା ଦେଶରେ ଚାଉଳ ଉତ୍ପାଦନରେ ତୃତୀୟ ବଳକା ରାଜ୍ୟରେ ମାନ୍ୟତା ହାସଲ କରିଛି। କିନ୍ତୁ ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ରହିବା ନେଇ ପାଣିପାଗ ବିଶାରଦମାନେ ପୂର୍ବାନୁମାନ କରିଥିବାବେଳେ ଏଲ-ନିନୋର ପ୍ରଭାବରେ ରାଜ୍ୟରେ ମରୁଡି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଅମୂଳକ ନୁହେଁ ବୋଲି କୁହାଯାଇଛି। ରାଜ୍ୟରେ ୪୦ପ୍ରତିଶତ ଜମି ଜଳସେଚିତ ହୋଇଥିବାବେଳେ ଅବଶିଷ୍ଟ ୬୦ପ୍ରତିଶତ ଜମି ଅଣଜଳସେଚିତ। ସେହିପରି ରାଜ୍ୟର ପ୍ରଧାନ ଫସଲ ଧାନ ଫସଲ ହୋଇଥିବାବେଳେ ରାଜ୍ୟ ଠାରୁ ଆରମ୍ଭ କରି ଧାନ ଧୋଡ ଧରିବା ପର୍ଯ୍ୟନ୍ତ ଅଧିକ ଜଳ ଆବଶ୍ୟକ କରିଥାଏ। ଆସନ୍ତା ଅକ୍ଟୋବର ମାସଠାରୁ ରାଜ୍ୟରେ ଏଲ-ନିନୋର ପ୍ରଭାବରେ ବର୍ଷାରେ ଅନିୟମିତତା ଦେଖାଦେବା ସମ୍ଭାବନା ରହିଛି। ଏଲ-ନିନୋର ପ୍ରଭାବରେ ବର୍ଷାରେ ଅନିୟମିତତା ଦେଖାଦେବା ସମ୍ଭାବନା ରହିଛି। ଏଲ-ନିନୋ ପ୍ରଭାବରେ ନିଅଟିଂଆ ତଥା ଅନିୟମିତ ମୌସୁମୀ ବର୍ଷାଯୋଗୁଁ ଅଣଜଳସେଚିତ ଜମିରେ ତଥା ଅଂଚଳରେ ମରୁଡି ପରିସ୍ଥିତି ଉପୁଜିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କେବଳ ଅଣଜଳସେଚିତ ନୁହେଁ, ଜଳସେଚିତ ଜମିରେ ଅନୁରୂପ ମରୁଡି ଅବସ୍ଥା ଦେଖାଦେଇପାରେ। ଏଲ-ନିନୋ ପ୍ରଭାବରେ ଜଳ ଭଣ୍ଡାର ଗୁଡିକର ସ୍ଥିତି ମଧ୍ୟ ବିଗିଡିଯାଇପାରେ। ଯାହାର ପରିଣତି ସ୍ୱରୁପ ଜଳସେଚନ ବନ୍ଦ ହେବା ନିଶ୍ଚିତ। ଅକ୍ଟୋବର ମାସ ବେଳକୁ ଏଲ-ନିନୋର ପ୍ରଭାବରେ ଉଭୟ ଖରିଫ ଓ ରବି ଫସଲ କ୍ଷତିଗ୍ରସ୍ତ ହେବା ରହିଛି। କେବଳ ଏତକି ନୁହେଁ, ଏଲ-ନିନୋର ପ୍ରଭାବରେ ମୌସୁମୀ ଶୀଘ୍ର ପ୍ରତ୍ୟାବର୍ତନ କରିପାରେ। ଚଳିତବର୍ଷ ଭାରତୀୟ ଚାଷ ଓ ଚାଷୀଙ୍କ ପାଇଁ ଏକ ସଂକଟ ତଥା ଆଶଙ୍କା ପୂର୍ଣ୍ଣ ବର୍ଷ ହେବାକୁ ଯାଉଛି, ଏଥିରେ ସନ୍ଦେହ ନାହିଁ। ଆଇଏମଡିର ସୂଚନା ଅନୁଯାୟୀ ଚଳିତ ବର୍ଷ ପୂର୍ବ ବର୍ଷ ଗୁଡିକ ପରି ମୌସୁମୀ ବର୍ଷା ସ୍ୱାଭାବିକ ରହିବ ବୋଲି ଯେଉଁ ଆକଳନ କରାଯାଇଥିଲା, ତାହା ନିଶ୍ଚିତ ଭାବରେ ଉଭୟ ଚାଷ ଓ ଚାଷୀଙ୍କ ପାଇଁ ଏକ ସୁଖଦ ଖବର ଥିଲା। ମାତ୍ର ଏବେ ଆମେରିକାର ଜାତୀୟ ପରିବେଶ ପୂର୍ବାନୁମାନ କେନ୍ଦ୍ର ପକ୍ଷରୁ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଏଲ-ନିନୋର ପ୍ରଭାବ ନେଇ ଯେଉଁ ଭବିଷ୍ୟବାଣୀ କରାଯାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ। ବିଶ୍ୱତାପମାତ୍ରା ବୃଦ୍ଧି ଏବଂ ଏଲ-ନିନୋର ପ୍ରଭାବକୁ ଦୃଷ୍ଟି ରାଜ୍ୟର କୃଷି ଓ କୃଷକଙ୍କ ପାଇଁ ଚିନ୍ତା କରିବା ପାଇଁ ଏବେ ସମୟ ଆସିଛି। କୃଷି, ପାଣିପାଗ ବିଶାରଦ ଓ ରାଜ୍ୟ ସରକାର ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ଚାଷ ହୁଡିଲେ କେବଳ ଚାଷୀ କ୍ଷତିଗ୍ରସ୍ତ ହେବ ନାହିଁ, ଦେଶର ଅର୍ଥନୀତି ଉପରେ ଏହା ପ୍ରଭାବ ପକାଇବ। କହିବା ବାହୁଲ୍ୟ ଯେ ୨୦୨୦ରେ ତାଲାବନ୍ଦ ବେଳେ ଦେଶର ଅର୍ଥନୀତି ନିମ୍ନମୁଖୀ ହୋଇଥିବାବେଳେ କୃଷି କ୍ଷେତ୍ରରେ ହିଁ କେବଳ ଅଭିବୃଦ୍ଧି ବୃଦ୍ଧି ପାଇଥିଲା। ଚାଷ ଓ ଚାଷୀଙ୍କୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ବେଳହୁଁ ସାବଧାନ ହେବେ ବୋଲି ଆମର ଆଶା।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,*
*ଶିଶୁପାଳଗଡ, -୭୫୧୦୦୨*
*ମୋବାଇଲ ନଂ-*
*୯୪୩୭୯୯୪୩୭୯*

## ଜଗନ୍ନାଥ ସାଗରର ବିକାଶ ନେଇ ସମୀକ୍ଷା

ଜୟପୁର, (ପି.ଏନ): ଜୟପୁରର ଜଗନ୍ନାଥ ସାଗରରେ ବିକାଶ ନେଇ ସମୀକ୍ଷା ହୋଇଛି । ବଙ୍ଗାଲୋରର ସାଗର ମଡେଲରେ ଜୟପୁର ଜଗନ୍ନାଥ ସାଗରର ବିକାଶ ହେବ । ଲେକମ୍ୟାନ ଭାବେ ଖ୍ୟାତ ବରିଷ୍ଠ ଜଳ ସଂରକ୍ଷଣବିତ ମାଲିଗାଭିଡ ଆନନ୍ଦ ଶୁକ୍ରବାର ଜଗନ୍ନାଥ ସାଗରର ବିକାଶ ପାଇ ସମୀକ୍ଷା କରିଛନ୍ତି । ଏହି ସମିକ୍ଷା ସମୟରେ ଜୟପୁର ବିଧାୟକ ତାରା ପ୍ରାସଦ ବାହିନିପତି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ। ସାଗରର ପୁନଃ ଉଦ୍ଧାର ଓ ବିକାଶ କରାଯାଇବ । ବିଜୟପୁର ବିଧାୟକ ବାହିନିପତି ଜଗନ୍ନାଥ ସାଗରର ବିକାଶ ପାଇ ସରକାରଙ୍କ ନିକଟରେ ଦାବି କରିଥିଲେ । ରାଜ୍ୟ ସରକାରଙ୍କ ୨ ଜଣିଆଟିମ ଓ ଅନନ୍ଦ ଜୟପୁରରେ ପହଂଚି ସାଗର ବିକାଶ ସମିକ୍ଷା କରିଥିଲେ । ଲେକ୍ ମ୍ୟାନ ଆନନ୍ଦ ଭାରତର ବିଭିନ୍ନ ରାଜ୍ୟରେ ଆନନ୍ଦ ମଡେଲ କରି ପ୍ରଶଂସା ସାଉଁଟିଛନ୍ତି । ଦେଶର ଅନେକ ଜଳାଶୟ ସଂରକ୍ଷଣ ହାତକୁ ନେଇଛନ୍ତି । ଆନନ୍ଦଙ୍କ କହିବାନୁଯାଇ ୧୦ ରୁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ । ବୈଷୟିକ ଜ୍ଞାନ କୈଶଳରେ ପଙ୍କ ଉଦ୍ଧାର କରାଯିବା ସହ ଦୂଷିତ ପାଣିକୁ ସଫେଇ କରାଯିବ । ସାଗର ଭିତରେ ପଶୁଥିବା ଡ୍ରେନର ଦୂଷିତ ପାଣିକୁ ବନ୍ଦ କରାଯିବ । ୬ ମାସ ଭିତରେ କାମ ଶେଷ ହେବ ବୋଲି ଆନନ୍ଦ କହିଛନ୍ତି । ଦୂଷିତ ପାଣିକୁ ବାହାର କରାଯିବ । ଏନେଇ ଡିପିଆର ପ୍ରସ୍ତୁତ କରାଯିବ । ବର୍ଷା ଦିନପରେ ଅକ୍ଟୋବର ମାସରେ କାମ ଆରମ୍ଭ ହେବ ।

## କରଞ୍ଜୀମାଳରେ ବନୀ ଜଙ୍ଗଲ ଧ୍ୱସଂ, ଧାମରାରେ ବନ ମହୋତ୍ସବ

## କାହା ସ୍ୱାର୍ଥରେ ! ବନୀ ଜଙ୍ଗଲକୁ ପୁନଃ ଥଇଥାନ କରିବାକୁ ଦାବୀ

ଭଦ୍ରକ,(ପି.ଏନ): ଚାନ୍ଦବାଲି ରେଞ୍ଜ ଅଧିନସ୍ଥ କରଞ୍ଜମାଳ ବନପାଳଙ୍କ ଅଧିନରେ ଥିବା ଶହ ଶହ ଏକର ବନୀ,ହେନ୍ତାଳ ଜଙ୍ଗଲ ଧ୍ୱସଂ ପାଇବାରେ ଲାଗିଥିବା ବେଳେ ଏଥିପ୍ରତି ବନବିଭାଗ କେହି ସଜାଗ ନରହିବା କଥା ଅଂଚଳବାସୀଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି।ଏହି ସମସ୍ତ ଜଙ୍ଗଲ ଜମିରେ ଥିବା ବନୀ ହେନ୍ତାଳ କୋରୁଆ ଆଦି ଗଛକୁ ଚିଙ୍ଗୁଡି ମାଫିଆ କାଟି ସଫା କରିବା ସହ ଏହି ଜମିରେ ଚିଙ୍ଗୁଡି ଚାଷ କରି ଲକ୍ଷ ଲକ୍ଷ ଟଙ୍କା କମାଇବାରେ ବ୍ୟସ୍ତ। ମାତ୍ର ଏହି ହେନ୍ତାଳ ଏବଂ ବନୀ ଜଙ୍ଗଲକୁ କିପରି ପୁନଃରୁଦ୍ଧାର କରାଯିବ ସେଥିପ୍ରତି ବନବିଭାଗ ସଚେତନ ନହୋଇ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ବନ ମହୋତ୍ସବ ପାଇଁ ଆଖିରୁ ନିଦ ହଜିଯାଇଛି। ପ୍ରାପ୍ତ ଖବରରୁ ଜଣା ଯାଇଛି ଭଦ୍ରକ ଏବଂ କେନ୍ଦ୍ରାପଡା ଜିଲ୍ଲା ରେ ଥିବା ପ୍ରାକୃତିକ ଭାବେ ବଢି ଏକର ଏକର ବନୀ ଜଙ୍ଗଲ ସୃଷ୍ଟି ହୋଇଥିବା ରୁ କେବଳ ରାଜ୍ୟ ନୁହେଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ମନ୍ତ୍ରଣାଳୟ ବିଭାଗ ଏହି ୨ଜିଲ୍ଲାର ବନବିଭାଗକୁ ଭୂୟଶୀ ପ୍ରଶଂସା କରିଛନ୍ତି। ବର୍ତମାନ ଭଦ୍ରକ ଜିଲ୍ଲାର ଧାମରା ଏବଂ କରଞ୍ଜମାଳ ଥିବା ଏହି ପ୍ରାକୃତିକ ବନୀ ଜଙ୍ଗଲକୁ ବନବିଭାଗ ଉପସ୍ଥିତିରେ ମାଫିଆ ମାନେ ନଷ୍ଟ କରି ଚାଲିଛନ୍ତି। ଗୋଟିଏ ପଟରେ ଶହ ଶହ ଏକର ବନୀ ଜଙ୍ଗଲ ନଷ୍ଟ ହେଉଥିବା ବେଳେ ଚାନ୍ଦବାଲି ରେଞ୍ଜର କେବଳ ନାମକୁ ମାତ୍ର ଗୋଟିଏ ଦୁଇଟିସ୍ଥାନରେ କିଛି ଚାରା ବଂଟନ କରି ବାହାବା ନେବାକୁ ପ୍ରୟାଶ ଜାରୀ ରଖିଛନ୍ତି।ପ୍ରାକୃତିକ ବନୀ ଜଙ୍ଗଲକୁ ସୁରକ୍ଷା ଦେଇ ପାରୁ ନଥିବା ବେଳେ କିପରି ଚାନ୍ଦବାଲି ରେଞ୍ଜର କେତକ ହାତଗଣତି ଚାରା ବଂଟନ କରି ବନ ସୃଷ୍ଟି କରି ଜୈବ ବିବିଦ୍ଧତା ର ସନ୍ତୁଳନ କରି ପାରିବେ ତାହା ପ୍ରଶ୍ନବାଚୀ ହୋଇ ପଡିଛି। ଚାନ୍ଦବାଲି ରେଞ୍ଜ ଅଫିସରଙ୍କ ଅଧିନରେ ହୋଇଥିବା ସମସ୍ତ କାର୍ଯ୍ୟରେ ଦୁର୍ନିତୀ ର ଗନ୍ଧ ବାରି ହେଉଥିବା ଅଭିଯୋଗ ହୋଇଛି। ସଂପୃକ୍ତ ରେଞ୍ଜର ମହାଶୟ ଙ୍କ ଅଫିସକୁ ସୁଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ମାଗିଲେ ସେ ସଂପୃକ୍ତ ସୁଚନା ଦାତଙ୍କ ଅଫିସକୁ ଡକାଇ ଆପୋଷ ଆଲୋଚନା ଏବଂ କିଛି ଟଙ୍କା ଲୋଭ ଦେଖାଇ ଏହି ଆବେଦନକୁ ପ୍ରତ୍ୟାହାର କରିବା ପାଇଁ ଚାପ ପକାଉଥିବା ବେଳେ ଏପରି କାହିଁକି କରୁଛନ୍ତି ତାହା ତଦନ୍ତ ସାପେକ୍ଷ ହୋଇ ପଡିଛି। ସଂପୃକ୍ତ ରେଞ୍ଜର ସବୁ ସମୟରେ କାମର ବାହାନା ଦେଖାଉଥିବା ବେଳେ କାହିଁକି ଶହ ଶହ ଏକର ବନୀ ଜଙ୍ଗଲକୁ ମାଫିଆ ମାନେ ନଷ୍ଟ କରି ଦେଉଥିବା ବେଳେ ସେ ଚୁପଚାପ ବସି ରହିଛନ୍ତି ତାହାର ତଦନ୍ତ ଆବଶ୍ୟକ ରହିଛି ବୋଲି ଅଂଚଳବାସୀ ଦାବୀ ଜଣାଇଛନ୍ତି। ଅନ୍ୟ ପକ୍ଷରେ ସଂପୃକ୍ତ ରେଞ୍ଜର ତ୍ରିଲୋଚନ ବେହେରା ଏହାର ଉତର ରଖିବାକୁ ଯାଇ କୁହନ୍ତି ଏହି ଜଙ୍ଗଲର ରକ୍ଷଣା ବେକ୍ଷଣ ଆମର ଦାୟିତ୍ୱ ନୁହେଁ, ବିଭାଗୀୟ ଅଧିକାରୀ ଏଥିପାଇଁ ଉତର ଦେବାକୁ ବାଧ୍ୟ ନୁହନ୍ତି ବୋଲି ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟ ପକ୍ଷରେ ସଂପୃକ୍ତ ରେଞ୍ଜରଙ୍କ ଅଧିନରେ ଧାମରା ଠାରୁ କାଳନାଳୀ ପର୍ଯ୍ୟନ୍ତ (୪କି.ମି) ନିର୍ମାଣ ହୋଇଥିବା ତାରବାଡରେ ବହୁ ଅନିୟମିତତା ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ବାବଦରେ ଏକ ସଂଗଠନ ପିସିସିଏଫ ଙ୍କ ଠାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଚଳିତ ବର୍ଷ କଇଁଛ ସୁରକ୍ଷା ଆଳରେ ବହୁ ସରକାରୀ ଅର୍ଥ ହେରଫେର ହୋଇଛି ବୋଲି ମଧ୍ୟ ଏହି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ବହୁ ସମୟରେ କଇଁଛ ଡ୍ୟୁଟି ପାଇଁ ଥିବା ବୋଟର ମରାମତି ଆଳରେ ସଂପୃକ୍ତ ରେଞ୍ଜ ଅଫିସର ସରକାରୀ ଅର୍ଥକୁ ତୋଷାରପାତ ମଧ୍ୟ କରିଥିବା ଅଭିଯୋଗ ହୋଇଛି। ତୁରନ୍ତ ସଂପୃକ୍ତ ରେଞ୍ଜ ଅଫିସରଙ୍କୁ ଚାନ୍ଦବାଲି ରୁ ଅନ୍ୟତ୍ର ବଦଳିକରିବା ସହ ସରକାରୀ ଅର୍ଥକୁ ହେରଫେର କରିଥିବା ଜଣାପଡିଲେ କାର୍ଯ୍ୟରୁ ନିଲମ୍ବନ କରିବାକୁ ମଧ୍ୟ ଦାବୀ ହୋଇଛି। ତଥ୍ୟାନୁଯାୟୀ କରଞ୍ଜମାଳ ବନବିଭାଗ ଅଧିନରେ ଥିବା ୩ହଜାର ଏକର ବନୀ ଜଙ୍ଗଲ ମଧ୍ୟରୁ ୬ଶହ ଏକରରେ ଚିଙ୍ଗୁଡି ମାଫିଆ ମାନେ ଏହି ଜମିରୁ ସମସ୍ତ ଗଛ ଗୁଡିକ କାଟି ନେଇ ବେଆଇନ ଭାବେ ଚିଙ୍ଗୁଡି ଚାଷ କରୁଥିବା ଜଣାଯାଇଛି।ଏହି ସମସ୍ତ କାର୍ଯ୍ୟ ନରେନ୍ଦ୍ରପୁର ମୌଜାରେ ଥିବା ଖାତା ନଂ୨୦୩,୨୦୫ ଏବଂ ପ୍ଲଟ ନଂ ୭୫୦, ୭୫୨, ୭୫୩, ୭୫୪, ୭୧୬, ୭୩୪, ୧୬୦ ପ୍ରଭୃତି ଅଂଚଳରେ ତୁରନ୍ତ ଏହି ହେନ୍ତାଳ ବଣକୁ ସୁରକ୍ଷା ଦେବା ଜରୁରୀ ହୋଇ ପଡିଛି ନଚେତ ଆଗାମୀ ଦିନରେ କରଞ୍ଜମାଳ ପଂଚାୟତବାସୀ ଏହାର ସୁରକ୍ଷା ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଜାତୀୟ ଶିଶୁ ସୁରକ୍ଷା ଆୟୋଗଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ,୪୫୬ ଅଭିଯୋଗର ଶୁଣାଣୀ

ମାଲକାନଗିରି,(ପି.ଏନ): ଜାତୀୟ ଶିଶୁ ସୁରକ୍ଷା ଆୟୋଗ, ନୂଆଦିଲ୍ଲୀରୁ ଏକ ପ୍ରତିନିଧି ଦଳ ଦୁଇ ଦିନିଆ ମାଲକାନଗିରି ଗସ୍ତ କରିଛନ୍ତି। ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂ ଙ୍କ ନିର୍ଦ୍ଦେଶରେ ଖଇରପୁଟ ସରକାରି ଉଚ୍ଚ ବିଦ୍ୟାଳୟ ଠାରେ ଏକ କ୍ୟାମ୍ପ ଆୟୋଜନ କରାଯାଇଛି। ଏହି କ୍ୟାମ୍ପରେ ଆୟୋଗର ରେଜିଷ୍ଟ୍ରାର ଶ୍ରୀମତୀ ଅନୁ ଚୌଧୁରୀ ଅଧକ୍ଷତା କରି ପ୍ରାପ୍ତ ହୋଇଥିବା ସମସ୍ତ ଅଭିଯୋଗ ର ଶୁଣାଣୀ କରିଥିଲେ । ଅଭିଯୋଗ ଶୁଣାଣୀରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଚିବ ପ୍ରଭାତ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ଓ ଜିଲ୍ଲା ମଙ୍ଗଳ କମିଟିର ଅଧକ୍ଷା ଶ୍ରୀମତୀ ସଂଯୁକ୍ତା ପ୍ରଧାନ ଉପସ୍ଥିତ ଥିଲେ।ଆଜି ଶିବିରରେ ସର୍ବମୋଟ ୪୫୬ ଗୋଟି ଅଭିଯୋଗର ଶୁଣାଣୀ କରାଯାଇଛି। ସେଥିମଧ୍ୟରୁ ୩୩ ଟି ଅଭିଯୋଗର ଶିବିରରେ ସମାଧାନ ହୋଇଛି। ଆଜି ଶିବିରରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୬ ଟି ହ୍ୱିଲ ଚେୟାର, ୨ ଟି ଟ୍ରାଇ ସାଇକେଲ, ୨ଟି ମସ୍ତିଷ୍କ ପକ୍ଷାଘାତ ଚେୟାର, ୭ ଟି ଶ୍ରବଣ ଯନ୍ତ୍ର ଏବଂ ୧୮ ଜଣଙ୍କୁ ଭିନ୍ନକ୍ଷମ ଭତା ପ୍ରଦାନ କରାଯାଇଛି।ଏହି ଶିବିରରେ ଶିଶୁଙ୍କୁ ସହାୟତା କରିବା ନିମନ୍ତେ ଆଧାର କାର୍ଡ ଓ ବ୍ୟାଙ୍କ ଖାତା ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ସେହିପରି ଭିନ୍ନକ୍ଷମ ପ୍ରମାଣପତ୍ର, ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରାଯାଇଥିଲା। ତତ୍ ସହିତ ଶିଶୁଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧିତ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ମଧ୍ୟ ଏଠାରେ ଲୋକଙ୍କୁ ସଚେତନ କରାଯାଇଛି।ଅନୁସୂଚିତ ଜାତି ଓ ଜନଜାତି ଶିଶୁଙ୍କ ପାଇଁ ହଷ୍ଟେଲ ସୁବିଧା, ନୂତନ ହଷ୍ଟେଲ ଗୃହ, ହଷ୍ଟେଲ ଭିତିଭୂମି, ଅଧିକ ଶ୍ରେଣୀ ଗୃହ, ଖେଳ ପଡିଆ ଓ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ବେଂଚ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭିନ୍ନକ୍ଷମ ଶିଶୁଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ସହ ଭିତିଭୂମି ଏବଂ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଶିଶୁଙ୍କର ଜନ୍ମ ଓ ଜାତି ପ୍ରମାଣପତ୍ର ପ୍ରଦାନ କରିବା ସହ ସେମାନଙ୍କ ନିମନ୍ତେ ବ୍ୟାଙ୍କ ଏକାଉଂଟ ଖୋଲିବା ପାଇଁ ମଧ ଏଠାରେ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଅନାଥ ଏବଂ ଏକକ ଅଭିଭାବକ ଥିବା ଶିଶୁଙ୍କ ଥଇଥାନ ଓ ଆର୍ଥିକ ସହାୟତା ନିମନ୍ତେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।ସୂଚନା ଥାଉ କି, ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ହେଉଛି ଶିଶୁ ଅଧିକାର ଆଇନ ଆୟୋଗ ଅଧିନିୟମ, ୨୦୦୭ ଅନୁଯାୟୀ ଗଠିତ ଭାରତ ସରକାରଙ୍କ ଏକ ଆଇନଗତ ସଂସ୍ଥା। ସମସ୍ତ ଶିଶୁଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ପ୍ରଦାନ କରିବା ହେଉଛି ଆୟୋଗର ମୂଳ ଉଦ୍ଦେଶ୍ୟ ।ଜାତୀୟ ଶିଶୁ ସୁରକ୍ଷା ଆୟୋଗ ରୁ ଆସିଥିବା ଆଇନ ପରାମର୍ଶଦାତା ଶିଭମ ରାୟ ଶିବିର ଆରମ୍ଭ ହେବା ପୂର୍ବରୁ ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡ଼ା ପ୍ରଫୁଲ୍ଲ ନନ୍ଦ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଜିଲ୍ଲା ଶିକ୍ଷାଧିକାରୀ ମାନସ ଜେନା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ, ଜିଲ୍ଲା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ରଥ, ଜିଲ୍ଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ, ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉମା ଶଙ୍କର କୋୟାଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ମଙ୍ଗଳ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଆଧୁନିକ ବିଶ୍ୱକୁ ଶ୍ରେଣୀ-ଚେତନା ଥିଲା ମାର୍କ୍ସ-ଏଙ୍ଗେଲଙ୍କର ବରଦାନ

ଆଧୁନିକ ବିଶ୍ୱକୁ ଶ୍ରେଣୀ-ଚେତନା ମାର୍କ୍ସ-ଏଙ୍ଗେଲଙ୍କର ଏକ ବିଶିଷ୍ଟ ବରଦାନ ଥିଲା। ପୂର୍ବରୁ ଯଦିଓ ଶ୍ରେଣୀ ଥିଲା ମାତ୍ର ନଥିଲା ଶ୍ରେଣୀ ଚେତନା। ଏହି ଶ୍ରେଣୀ ଚେତନା ଏକ ଭାବବାଦି ଦର୍ଶନ ନୁହେଁ; ବାସ୍ତବବାଦୀ ଦର୍ଶନ। ଏହାର ଲକ୍ଷ୍ୟ ବୁର୍ଜୁଆ ଧନତାନ୍ତ୍ରିକ ଶୋଷଣ ଓ ଏକଚାଟିଆ ଆର୍ଥିକ ଅଧିକାରକୁ ଭାଙ୍ଗି ଶ୍ରେଣୀହୀନ ସମାଜବାଦ ପ୍ରତିଷ୍ଠା। ଏହା ସର୍ବହରା ଶ୍ରେଣୀକୁ ଧର୍ମର ମଦ ଖୁଆଇ ଶୁଆଇ ଦିଏ ନାହିଁ, ଶ୍ରମିକ କୃଷକ ସମାଜକୁ ଆଦୌ ନିର୍ବଳ ମନେକରେ ନାହିଁ। ସମସ୍ତଙ୍କ ମନରେ ଏକ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ କରିଥାଏ। ତତ୍ ସହିତ ଉତପ୍ତ କରେ, ଶାଣିତ କରେ, ସମସ୍ୟା ସମ୍ପର୍କରେ ସଚେତନ କରେ, ଅଧିକାରବୋଧ ବିଷୟରେ ସଚେତନତା ସୃଷ୍ଟି କରେ। ତେଣୁ କୁହାଯାଏ ଏମାନେ ହେଉଛନ୍ତି "The living soul of culture". ଲେନିନ୍ କହନ୍ତି—" only he is a Marxist who extends the recognition of the class struggle to the recognition of the dictatorship of the proletariat". ସେ ମଧ୍ୟ କୁହନ୍ତି ସର୍ବହରା ଏକନାୟକତ୍ୱ ଦ୍ୱାରା ଶ୍ରେଣୀହୀନ ସମାଜ ପ୍ରତିଷ୍ଠା ସମ୍ଭବ ହୁଏ। ଯେତେବେଳେ ଶ୍ରମିକ ସମାଜ ରାଜନୀତିକ ସଂଗ୍ରାମ ଦ୍ୱାରା କ୍ଷମତା ଦଖଲ କରନ୍ତି ସେତେବେଳେ ତାହା ବୈପ୍ଳବିକ ସଂଗ୍ରାମରେ ପରିଣତ ହୁଏ ଓ ସେଥିରେ ଆର୍ଥନୀତିକ ତଥା ଆଦର୍ଶଗତ ସଂଗ୍ରାମ ମଧ୍ୟ ସାମିଲ ହୋଇଯାଏ। ସର୍ବହରା ଶ୍ରମିକମାନଙ୍କର ସଂଗଠିତ ଶ୍ରେଣୀ-



ଉମାଶଙ୍କର ପ୍ରସାଦ

ସଂଗ୍ରାମର ଲକ୍ଷ ହେଉଛି ସମାଜବାଦର ପ୍ରତିଷ୍ଠା। ଏହାର ଅନ୍ୟତମ ଲକ୍ଷ ମଧ ହେଉଛ ବୁର୍ଜୁଆ ଶ୍ରେଣୀର ମନମୁଖୀ ଏକଚାଟିଆ କାରବାରକୁ ବିଲୋପ କରିବା। ଆଧୁନିକ ଶ୍ରେଣୀ-ସଂଗ୍ରାମ, ଯାହା ସର୍ବହରା ଶ୍ରମିକ ମାନଙ୍କ ଦ୍ୱାରା ପରିଚାଳିତ, ତାହା କେବଳ ସେହି ଶ୍ରେଣୀର ମଙ୍ଗଳ ନୁହେଁ; ସାମଗ୍ରିକ ଭାବରେ ସମାଜର ଓ ରାଷ୍ଟ୍ରର ମଧ ମଙ୍ଗଳ ଚାହେଁ। ଏହା ସଦା ଆନ୍ତର୍ଜାତିକ ଭାବନାରେ ଉଦ୍‌ବୁଦ୍ଧ। 'ପୁଞ୍ଜିବାଦ' (Capitalism) ଏହାର ମୁଖ୍ୟ ଶତ୍ରୁ। ସମାଜରେ ଯାବତୀୟ ଶୋଷଣକୁ ରୋକିବା ବା ବିରୋଧ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ତତ୍ ସହିତ ଏକ ସମାଜବାଦୀ ସମାଜର ପ୍ରତିଷ୍ଠା କରିବା ଏହାର ଲକ୍ଷ।

ସମାଜ ଏକ ଜୀବନ୍ତ ସଂଗଠନ। ଏହି ସଂଗଠନରେ ପ୍ରତ୍ୟେକ ପ୍ରତ୍ୟେକଙ୍କ ସହିତ ଅନ୍ତର୍ନିହିତ ସମ୍ପର୍କରେ ଅନୁବନ୍ଧିତ। ସମାଜ କୌଣସି ଅତିଭୌତିକ ଶକ୍ତି ଦ୍ୱାରା ନିୟନ୍ତ୍ରିତ ନୁହେଁ; ବରଂ ତାହା ବସ୍ତୁବାଦୀ ନିୟମ ଦ୍ୱାରା ପରିଚାଳିତ। ସାମାଜିକ ଗତିଶୀଳତା ପାଇଁ ଶ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶ୍ରମ ଯେତେବେଳେ ସବୁ ପ୍ରକାର ଶୋଷଣରୁ ମୁକ୍ତ ହୋଇଯାଏ ସେତେବେଳେ ଶ୍ରମିକ ବା ଶୋଷିତ ମଣିଷ ଭିତରେ ଦେଖାଦିଏ ନାନ୍ଦନିକ ସର୍ଜନଶୀଳତା। 'କ୍ରିଲୋଭ' ଙ୍କ ମତରେ "The great historical mission of the proletariat that Marx and Engels saw the social force which could change the world and provide for further progress not only in economics and politics, but also in culture". ପୃଥିବୀର ପୁନଃନିର୍ମାଣ ଓ ସେଥିରେ ସାମ୍ୟବାଦ ପ୍ରତିଷ୍ଠା ପାଇଁ ସର୍ବହରା ଶ୍ରମିକ ସଂଗ୍ରାମର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ତାହାକୁ ମାର୍କ୍ସ ଓ ଏଙ୍ଗେଲସ୍ ଏକ ଅଭ୍ୟର୍ଥ ଶକ୍ତି ଭାବରେ ଦର୍ଶାଇଦେଲେ ଓ ତାହା ହିଁ ମାନବ ଗତିର ନୈତିକ ଓ ନାନ୍ଦନିକ ମୂଲ୍ୟବୋଧକୁ ପ୍ରକାଶ କଲା। ଯେତେବେଳେ ପ୍ରୋଲେଟେରିଏଟ୍ ଚେତନା ବା ଅନ୍ୟ ଅର୍ଥରେ ଶ୍ରେଣୀ-ସଂଗ୍ରାମର ବାର୍ତ୍ତା ଲେନିନ୍‌ଙ୍କ ସମୟରୁ ବାସ୍ତବତାର ରୂପ ନେଲା ଓ 'ଜାର୍' ଶାସନର ଅବସାନ ଘଟାଇ ଶ୍ରେଣୀହୀନ ସମାଜବାଦ ପ୍ରତିଷ୍ଠା ଲାଭ କଲା ଓ ସେହି ସମୟରୁ ବୁର୍ଜୁଆ ଚେତନାରେ ନୂତନ କୌଶଳ ଅବଲମ୍ବିତ ହୋଇ ସାଧାରଣ ସର୍ବହରା ଜନଗଣଙ୍କୁ ଭୁଲାଇବା ପାଇଁ ଉଦ୍ୟମ ହେଲା। ବିଗତ ବର୍ଷ ପରି ଆଜି ମଧ ଶ୍ରମିକ ଶ୍ରେଣୀ କିଛି କମ ଶୋଷଣ ହେଉନାହାଁନ୍ତି ଆଜିର ତଥାକଥିତ ରାଜନେତା ବୁର୍ଜୁଆ ତଥା ଧନୀକ ଶ୍ରେଣୀ ମାନଙ୍କ ଦ୍ୱାରା। କିନ୍ତୁ ସମୟର ପରିବର୍ତ୍ତନରେ କିଛିଟା ନିର୍ଯ୍ୟାତନାର ପରିମାଣ କମିଛି ଅନ୍ୟ ପକ୍ଷରେ ସେହି ଶ୍ରମିକ ଶ୍ରେଣୀ ଆଜି ରାଜନେତା ମାନଙ୍କର ଗୋଡାଣିଆ ସାଜି ତାଙ୍କର ସ୍ୱାଭିମାନ ଓ ନୈତିକ ଚେତନାକୁ ଜଳାଞ୍ଜଳି ଦେଇଛନ୍ତି।

ଅତିତରେ ସେହି ବୁର୍ଜୁଆ କଳାର ପ୍ରତିସ୍ରୋତରେ ପ୍ରୋଲେଟେରିଏଟ କଳା ଗତିକରି କ୍ରମଶଃ ସମଗ୍ର ସମାଜର ଚେତନାକୁ ରୂପାନ୍ତରିତ କରିଦେଲା। ଏହାଦ୍ୱାରା 'Art returns to life, and becomes a reality to all men'. ତେଣୁ କଳା ବା କବିତା ଓ ସାହିତ୍ୟ ମଧ୍ୟ ସର୍ବହରା ମଣିଷର ସମସ୍ୟା, ତାର ଉନ୍ମେଷ ଓ ଉତ୍ତରଣ ବୁର୍ଜୁଆ ସମାଜ ବିରୋଧରେ ତାର ସଂଗ୍ରାମକୁ ସୁତୀବ୍ର ଓ ଗତିଶୀଳ କରିଥିଲା। ସର୍ବହରା ମଣିଷ ମାନଙ୍କର ଶ୍ରେଣୀ ଚେତନା ଯେବେବେଳେ ଶାଣିତ ଓ ସୁତୀବ୍ର ହୋଇଯାଏ ସେତେବେଳେ ସେମାନେ ଶୋଷକ ଶ୍ରେଣୀ ମାନଙ୍କର ଯାବତୀୟ ଭୂଲାଣିଆ କୌଶଳକୁ ଜାଣି ସକଳ ବିରୋଧ ପ୍ରତିଘାତକୁ ଅତିକ୍ରମ କରି ବିଜୟୀ ହୁଅନ୍ତି। ଏମାନେ ଯେଉଁ ହିଂସା ଆଚରଣ କରନ୍ତି ତାହା ହିଂସା ନହୋଇ ଅହିଂସା ହେବାସହ ଲୋକ-କଲ୍ୟାଣ ଓ ଶୋଷଣ ରହିତ ସମାଜବାଦ ର ପ୍ରତିଷ୍ଠ ହୋଇଥାଏ। ଏହି ଶୋଷକ ଶ୍ରେଣୀର ସମସ୍ତ ପ୍ରଚେଷ୍ଟା,ଆଇନ କାନୁନ, ଗୋଳା ବାରୁଦ ସର୍ବହରା ଶ୍ରେଣୀର ସଚେତନ ଜାଗରଣ ନିକଟରେ ବ୍ୟର୍ଥ ହୋଇଥାଏ। ଥିଲାବାଲା (haves)ଙ୍କର ଯାବତୀୟ କୌଶଳ ଓ ଅପକୌଶଳ ନଥିଲାବାଲା( have nots) ଙ୍କ ସାମାଜିକ ଅଙ୍ଗୀକାରବଦ୍ଧତା ନିକଟରେ ନିଷ୍ପ୍ରଭ ହୋଇଯାଏ। ସ୍ୱାଧୀନତା ପରେ ଭାରତବର୍ଷରେ ତଥା ଓଡିଶାରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରଚଳିତ ହେଲା ମାତ୍ର ଗଣତନ୍ତ୍ର ଭିତରେ ଯେଉଁ ନେତା, ମନ୍ତ୍ରୀ, ପ୍ରଶାସକ, ବିଚାରକ, ପୋଲିସ ଓ ଶିଳ୍ପପତି ମାନଙ୍କର ଆବିର୍ଭାବ ଘଟିଲା ସମସ୍ତେ ହୋଇଗଲେ ସୁଖଭୋଗୀ ଓ ନୂତନ ବୁର୍ଜୁଆ ମାନସିକତାର ଦାୟାଦ। ଲୋକ-କଲ୍ୟାଣ, କୃଷକ ଓ ଶ୍ରମିକ ମଙ୍ଗଳ, ଆଦିବାସୀ ବା ଜନଜାତିଙ୍କ ବିକାଶ ନାମରେ ରାଷ୍ଟ୍ରର ଅର୍ଥକୁ ହରିଲୁଟ କରି ଅଭିଯାତ ବୋଲାଇବାର ମାନସିକତା, ସର୍ବହରା ମଣିଷ ମାନଙ୍କୁ ଟଙ୍କାକିଆ, ଗହମ ଓ ଚାଉଳ, ଇନ୍ଦିରା ଆବାସ , ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଆବାସ, ସାଇକେଲ, ମୋବାଇଲ୍ ଇତ୍ୟାଦି ଦେଇ ଭୁଲାଇ ନେଉଲକୁ ଅଫିମ ଖୁଆଇ ଶୁଆଇଲା ପରି ଜନଗଣଙ୍କୁ ନିର୍ବେଦ କରିଦେବାର କୌଶଳ ଏପରି ପ୍ରଭାବ ବିସ୍ତାର କରିଯାଇଛି ଯେ 'ଶ୍ରେଣୀ ଚେତନା' ସୃଷ୍ଟି ହେବାର ହ୍ରାସ ପାଇଯାଇଛି। ମୋ ମତରେ ସମାଜର ସଚେତନ ଲେଖକମାନେ ହିଁ ଆଶାର ଆଲୋକ ଦେଖାଇ ପାରିବେ ବୋଲି ମୋର ବିଶ୍ୱାସ। ଫଳରେ ମାର୍କସ୍ ଓ ଏଙ୍ଗେଲ ଦେଖାଇଥିବା ସ୍ୱପ୍ନ ସାକାର ହେବ।

*ମେନ୍‌ରୋଡ, ଖୋର୍ଦ୍ଧା*
*ମୋ: ୬୩୭୦୬ ୭୫୫୬୨*

## ଉ ରାଖଣ୍ଡ କାଶୀବିଶ୍ୱନାଥ ମନ୍ଦିର ନିକଟରେ ରହିଛି ଜଗନ୍ନାଥ ମନ୍ଦିର

ପୁରୀ, (ପି.ଏନ): ଉତରାଖଣ୍ଡ କାଶୀ ବିଶ୍ୱନାଥ ମନ୍ଦିର ପୂର୍ବରୁ ରହିଛି ଏକ ପୁରାତନ ଜଗନ୍ନାଥ ମନ୍ଦିର। ପାହାଡ଼ିଆ ଅଞ୍ଚଳର ମନ୍ଦିର ପାଖ ୫ଟି ଗାଁର ଇଷ୍ଟ ଦେବ ହେଉଛନ୍ତି ଜଗନ୍ନାଥ । ଶିଳା ରୂପରେ କେବଳ ଜଗନ୍ନାଥ ସେଠାରେ ପୂଜା ପାଉଛନ୍ତି। ଏ ସମ୍ପର୍କରେ ପ୍ରଥମେ ଶ୍ରୀମନ୍ଦିର ସେବକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସନ୍ଧାନ ପାଇବା ପରେ ଚଳଚ୍ଚିତ୍ର ଅଭିନେତା ସମ୍ୟାସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସେଠାକୁ ଯାଇ ମନ୍ଦିରରେ କିପରି ଭୋଗ ରାଗ ହୋଇପାରିବ,ପ୍ରଚାରପ୍ରସାର ହେବ ଏବଂ ଜଗନ୍ନାଥଙ୍କ ମହିମା କିପରି ବ୍ୟାପକ କରାଯିବ ସେ ସମ୍ପର୍କରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି । ପ୍ରଥମେ ପାଟ୍ଟଯୋଶୀ ମହାପାତ୍ର ତାଙ୍କ ଝିଅର ପାଠ ପଢିବା ପାଇଁ ଡ଼େରାଡୁନ ଯାଇଥିଲେ । ସେଠାରେ ଜଗନ୍ନାଥ ମନ୍ଦିର ଖୋଜି ଖୋଜି ପାଇନଥିଲେ । ଜଗନ୍ନାଥଙ୍କ ମହିମା ଯୋଗୁ କାଶୀ ବିଶ୍ୱନାଥ ମନ୍ଦିରର ୪ କିଲୋମିଟର ପୂର୍ବରୁ ଜଗନ୍ନାଥ ମନ୍ଦିର ରହିଛି ଶୁଣି ସେଠାକୁ ଯାଇଥିଲେ। ସଂଧ୍ୟା ହୋଇ ଯାଇଥିବାରୁ ଜଗନ୍ନାଥଙ୍କ ଦର୍ଶନ ନ ପାଇ ତାପର ଦିନ ଦର୍ଶନ କରିଥିଲେ । ପରେ ସବ୍ୟସାଚୀ ଓ ଅର୍ଚ୍ଚିତା ସେଠାରେ ଫିଲ୍ମ ସୁଟିଙ୍ଗ ପାଇଁ ଯାଇଥିବା ବେଳେ ମନ୍ଦିର ନିକଟକୁ ଯାଇଥିଲେ। ସାମାଜିକ ଗଣମାଧ୍ୟମ ଜରିଆରେ ସବ୍ୟସାଚୀ ମନ୍ଦିର ସମ୍ପର୍କରେ ତଥ୍ୟ ଖୋଜି ଥିଲେ। ଗତ ବାହୁଡ଼ା ଦିନ ସେଠାରେ ୫ଟି ଗ୍ରାମର ବାସିନ୍ଦାମାନଙ୍କୁ ଡ଼ାକି ଭଜନ କୀର୍ତନ କରିବା ସହ ମନ୍ଦିର କିପରି ରାଜ୍ୟ ସରକାର,ଉତରାଖଣ୍ଡ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଚାର ପ୍ରସାର ହୋଇପାରିବ ସେ ସମ୍ପର୍କରେ ଉଦ୍ୟମ କରିଥିଲେ। ସେଠାର ସ୍ଥାନୀୟ ବାସିନ୍ଦା ଅର୍ଚ୍ଚିତାଙ୍କୁ ନିଜର ଝିଅ ଭାବି ବିଦାୟ ସମୟରେ ନୃତ୍ୟ ଗୀତ ସହ ଆନନ୍ଦିତ ହୋଇଥିଲେ । ସେଠାରେ ଜଗନ୍ନାଥଙ୍କ କାଳେସି ହିସାବରେ ଢୋଲ ଦେବତା ସବୁ କଥା କହୁଛନ୍ତି । ଅର୍ଚ୍ଚିତାଙ୍କ ଜନ୍ମ ଦିବସ ପାଳନ କରିଥିଲେ । ଓଡ଼ିଆ ଜଗନ୍ନାଥ ଭକ୍ତମାନେ ଉତରାଖଣ୍ଡର ସେହି ମନ୍ଦିର ପରିଦର୍ଶନ କରିବା ପାଇଁ ଚାହିଁଲେ ସେଠାର ସନ୍ଥ ଆଚାର୍ଯ୍ୟ ସଚ୍ଚିଦାନନ୍ଦ ମହାରାଜାଙ୍କ ମୋବାଇଲ ନମ୍ବର ୯୭୭୭୧୫୫୬୦୬ କୁ ଯୋଗାଯୋଗ କରିପାରିବେ । ଏଥିପାଇଁ ସୋସିଆଲ ମିଡ଼ିଆରେ ପେଜ୍ ଖୋଲିବା ପାଇଁ ସବ୍ୟସାଚୀ କହିଥିଲେ। ସେଇ ଗ୍ରାମର ନାମ ସାଲ୍ଡ । ମନ୍ଦିରର ପ୍ରଚାର ପ୍ରସାର ପାଇଁ ସମସ୍ତେ ନିବେଦନ କରିଥିଲେ।

## ଜାତୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ ସଚିବଙ୍କ ଲକ୍ଷ୍ମୀପୁର ଗସ୍ତ

ଜୟପୁର, (ପି.ଏନ): ଜାତୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ ସଚିବ ପ୍ରିତୀ ଭରଦ୍ୱାଜ୍ ଦଲାଲ୍ ଆଜି ଦିନିକିଆ ଲକ୍ଷ୍ମୀପୁର ଗସ୍ତରେ ଆସି ବିଭିନ୍ନ ପ୍ରକାର ଅଭିଯୋଗ କୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସକାଶେ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀରୁ ସେ ସାଧାରଣ ଲୋକ ଓ ଶିଶୁ ମାନଙ୍କର ଅଭିଯୋଗ ଶୁଣିବା ନିମନ୍ତେ ପ୍ରଥମେ ତୁନପାର ପଂଚାୟତ ସଦରର ଶୁବାସିନି ବାଘ ନାମକ ଜଣେ ବୃଦ୍ଧା ୫ ମାସ ଧରି ବାର୍ଦ୍ଧକ୍ୟ ଭତା ପାଇ ନଥିବା ସହ ନିଜର ବାପ ମା ଛେଉଣ୍ଡ ନାବାଳକ ନାତିକୁ ପାଠ ପଢାଇବା ପାଇଁ ଅସମର୍ଥ ଥିବା ଅଭିଯୋଗ କରିଥିଲେ ।ତୁରନ୍ତ ବୃଦ୍ଧାଙ୍କ ନାତିକୁ ଆଶ୍ରୀବାଦ ଯୋଜନାରେ ମାସିକ ୪ହଜାର ଟଙ୍କା ଓ ବୃଦ୍ଧାଙ୍କୁ ତୁରନ୍ତ ସମସ୍ତ ଭତା ପଇସା ପ୍ରଦାନ ସହ ତାଙ୍କ ନାତିର ପାଠ ପଢା ଆଶ୍ରମ ବିଦ୍ୟାଳୟରେ କରାଇବାକୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କେବଳ ୬୦ଟି ଅଭିଯୋଗ ଆସିଥିବାରୁ ସେମାନଙ୍କ ଅଭିଯୋଗ ସିଧାସଳଖ ଗ୍ରହଣ କରି ସମସ୍ତ ସୁବିଧା ଅସୁବିଧା ବୁଝି ତ୍ୱରିତ ପଦକ୍ଷେପ ନେବା ନିମନ୍ତେ ବିଭାଗିୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କମିଶନର ଙ୍କ ସହ ସିଏଲ୍ ଏନସିପିସିଆର୍ ସନ୍ଦିପ ଚୌଧୁରୀ, ଓସସିପିସିର ରାଜ୍ୟ ଅଧକ୍ଷା ମନ୍ଦାକିନି କର, ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରି ଦାସ ପ୍ରମୁଖ ରହିଥିବା ବେଳେ ପଂଚାୟତ ସମିତି ଅଧକ୍ଷା ଶୁଆଇ କୁଲେସିକା, ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମକର୍ତା , ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମକର୍ତା ଉପସ୍ଥିତ ରହିଥିଲେ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Monday July 10, 2023 ଭୁବନେଶ୍ୱର ସୋମବାର, ଜୁଲାଇ ୧୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ରାଜ୍ୟ କୃଷିମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ପରିବା ବିକିଲା ଛାତ୍ର କଂଗ୍ରେସ



ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ କୃଷିମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସରକାରୀ ବାସଭବନ ସମ୍ମୁଖରେ ପ୍ରଦେଶ ଛାତ୍ର କଂଗ୍ରେସ ସୁଲଭ ମୂଲ୍ୟରେ ପରିବା ବିକି ଆକାଶ ଛୁଆଁ ପରିବା ଓ ସଉଦା ଦର ପ୍ରତିବାଦରେ ବିକ୍ଷୋଭ କରିଥିଲା। ଛାତ୍ର କଂଗ୍ରେସ ପକ୍ଷରୁ ସେଠାରେ ଟମାଟୋ କିଲୋ ୫୦ ଟଙ୍କା, ବାଇଗଣ କିଲୋ ୩୦ ଟଙ୍କା, ଝୁଡ଼ୁଙ୍ଗ କିଲୋ ୨୫ ଟଙ୍କା ସାରୁ କିଲୋ ୩୦ ଟଙ୍କା ପ୍ରଭୃତି ପୋଟଳ, ଲଙ୍କା ଏବଂ ଅନ୍ୟାନ୍ୟ ପରିବା ଅଧା ଦରରେ ବିକ୍ରି କରାଯାଇଥିଲା। ବାଟରେ ଯାଉଥିବା ସାଧାରଣ ଖାଉଟି ଏହାକୁ କ୍ରୟ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଛନ୍ତି ଯେ ଆଜିର ପରିବା ଦର ଏବଂ ସଉଦା ଦର ବୃଦ୍ଧି ପାଇଁ ମୋଦି ଓ ନବୀନ ଶାସନ ଦାୟୀ। ଚାଷୀ ଅମଳ ଋତୁରେ ତାର ପରିବାକୁ ସାଇତିବା ପାଇଁ ରାଜ୍ୟ ସରକାର ୨୩ ବର୍ଷ ଭିତରେ ଶୀତଳ ଭଣ୍ଡାର କରିପାରିଲେ ନାହିଁ। ସବୁବେଳେ ନିର୍ବାଚନ ସମୟରେ ଶୀତଳ ଭଣ୍ଡାରରର ପ୍ରତିଶୃତି ଦେଲେ ମାତ୍ର ଭୋଟ ଲୁଟିନେଲା ପରେ ଏକଥାକୁ ପାଶୋରି ଗଲେ। ୨୩ ବର୍ଷ ଭିତରେ ଓଡ଼ିଶାରେ ୧୩୧ଟି ଶୀତଳ ଭଣ୍ଡାରରୁ ୮୨ ଟି ଅଚଳ। ୧୩ ଟି ଜିଲ୍ଲାରେ ଶୀତଳ ଭଣ୍ଡାର ନାହିଁ। ଟମାଟୋ ଅମଳ ଋତୁରେ ହାଟରେ ଚାଷୀ କିଲୋ ପିଛା ୫୦ ପଇସାରେ କାନ୍ଦି କାନ୍ଦି ବିକୁଛି। ରାଜ୍ୟ ସରକାର ୨୦୧୮ ମସିହାରେ କହିଲେ ରାଜ୍ୟରେ ୧୫୦ଟି ଶୀତଳ ଭଣ୍ଡାର କରିବାପାଇଁ। ୨୦୨୩ ହେଲାଣି ଶୀତଳ ଭଣ୍ଡାରର ଦେଖାନାହିଁ। ନିର୍ବାଚନ କବାଟ ଠକ ଠକ କରୁଥିବା ବେଳେ ହଠାତ ନବୀନ ସରକାର ଘୋଷଣା କରୁଛନ୍ତି ଯେ ଓଡ଼ିଶାରେ ୧୦୦୦ ଟି ଶୀଳତ ଭଣ୍ଡାର କରିବେ। ଏଥିରେ କେବଳ ଖାଉଟିଙ୍କୁ ଭୁଆଁ ବୁଲାଯାଉଛି। ୨୩ ବର୍ଷରେ ଶୀତଳ ଭଣ୍ଡାର ସମସ୍ୟାକୁ ସମାଧାନ କରିପାରିନଥିବା ନବୀନ ସରକାର ଏବେ ପ୍ରତିଶୃତି ପାଳନ କରିପାରିବେ ବୋଲି ଜନସାଧାରଣ ଭରଷା କରିପାରୁନାହାନ୍ତି। ଭାରତୀୟ କୃଷି ରିସର୍ଚ ପରିଷଦର ରିପୋର୍ଟରେ ଓଡ଼ିଶାରେ ବାର୍ଷିକ ୧ଲକ୍ଷ ୪୫ ହଜାର ଟନ ଫଳ ଏବଂ ଏବଂ ୪ରୁ ୫ ଲକ୍ଷ ଟନ ପରିବା ନଷ୍ଟ ହୋଇଯାଉଛି ଏବଂ ଏଥିପାଇଁ ଶୀତଳ ଭଣ୍ଡାର ସମସ୍ୟା ହିଁ ଦାୟୀ। ଖାଉଟିର ଲୁହକୁ ନବୀନ ସରକାର ବୁଝିପାରୁ ନାହାନ୍ତି। ଅନ୍ୟପକ୍ଷରେ ତୈଳଦର ବୃଦ୍ଧି ଏବଂ ଜିଏସ୍‌ଟି ବୋଝ ପାଇଁ ଡାଲି, ତେଲ, ଜିରା, ଶୋରିଷ ଆଦି ନିତ୍ୟବ୍ୟବହାର୍ଯ୍ୟ ଦର ଆକାଶ ଛୁଆଁ ହୋଇଛି। ଏହା କିପରି ନିୟନ୍ତ୍ରଣ ହେବ ସେ ଦିଗରେ ମୋଦି ସରକାର ମଧ୍ୟ ପଦକ୍ଷେପ ନେଉନାହିଁ। ସୁତରାଂ ଆଜିର ଆକାଶ ଛୁଆଁ ଦର ନବୀନ ଓ ମୋଦି କୃତ। ଖାଉଟିର ଲୁହରେ ଉଭୟ ସରକାରର ପତନ ସୁନିଶ୍ଚିତ। ବଜାର ଦର ନିୟନ୍ତ୍ରଣ ପାଇଁ ଏବଂ ଶୀତଳ ଭଣ୍ଡାର ପର୍ଯ୍ୟାପ୍ତ ପରିମାଣରେ କରିବାପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଉଛି। ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଂପାଦିକା ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ବଜାର ଦର ଅନିୟନ୍ତ୍ରିତ ହେଉଥିବା ବେଳେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଚୁପ ବସିଛନ୍ତି। ଖାଉଟିର ଲୁହ ଏମାନଙ୍କୁ ପ୍ରଭାବିତ କରିପାରୁ ନାହିଁ। ଖାଉଟିଙ୍କ ଠୁ ଭୋଟ ନେଇ ଏମାନେ ଶାସନ ଗାଦିରେ ବସିଛନ୍ତି ହେଲେ ଖାଉଟିଙ୍କ ସମସ୍ୟାର ସମାଧାନ କରୁନାହାନ୍ତି। ଆଜିର କାର୍ଯ୍ୟକ୍ରମରେ ପ୍ରକାଶ ମିଶ୍ର, ଆଲୋକ ଲେଙ୍କା, ରଣଜିତ ପାତ୍ର, ଅଜୟ ସାହୁ, ପ୍ରଭାତ ପ୍ରତାପ ସିଂ, ରଣଜିତ ସେନାପତି, ଅଖିଳେଷ ଯାଦବ, ଜଗଦିଶ ଗଜେନ୍ଦ୍ର, ବିରଂଚି ବାରିକ, ସୁରଜ ରାଉତ, ଅବିନାଷ ନନ୍ଦ, ସ୍ପନ୍ଦନ ସ୍ୱାଇଁ, ସମୀର ରାଉତ, ଆର୍ଯ୍ୟାନ ସାସମଲ, ରାଜଦ୍ୱୀପ ବେହେରା, ରାମେଶ୍ୱର ଶତପଥି, ପ୍ରଭୁଶକ୍ତି ପଟ୍ଟନାୟକ, ଆର୍ଯ୍ୟାନ ପ୍ରସାଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ତାଳଚେର ବିକାଶରେ ବିଜେଡି ବାଧକ

ତାଳଚେର,(ପି.ଏନ): ତାଳଚେର ର ବିକାଶ କ୍ଷେତ୍ରରେ ବିଜେଡି ବାଧକ ସାଜିଛି ବୋଲି ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ପ୍ରକାଶ କରିଛନ୍ତି । ତାଳଚେର ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚୁର ଅର୍ଥ ବ୍ୟବସ୍ଥା କରୁଥିବା ବେଳେ ରାଜ୍ୟ ବିଜେଡି ସରକାର, ତାଳଚେର ବିଧାୟକ ସବୁ କ୍ଷେତ୍ରରେ ବାଧକ ସାଜିଛନ୍ତି କୌଣସି କାର୍ଯ୍ୟ କରାଇ ଦେଉନାହାନ୍ତି ବୋଲି ସେ କହିଛନ୍ତି । ମା ହିଙ୍ଗୁଳା ଠାକୁରାଣୀ ଙ୍କର ମନ୍ଦିର ର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ବିଭାଗରୁ ୧.୯୨ କୋଟି ବ୍ୟୟରେ ସମ୍ମୁଖ ଗେଟ, ରାସ୍ତା ଆଲୋକୀକରଣ କାର୍ଯ୍ୟ କରାଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୧ ମସିହାରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରଲ୍ହାଦ ଯୋଶୀ ଙ୍କୁ ହିଙ୍ଗୁଳା ମନ୍ଦିର ର ବିକାଶ ପାଇଁ ଚିଠି ଲେଖିଥିଲେ, ୨୦୨୧ ଏପ୍ରିଲ ରେ କୋଇଲା ମନ୍ତ୍ରୀ ୯.୩୨ କୋଟି ଟଙ୍କା ହିଙ୍ଗୁଳା ମନ୍ଦିର ର ବିକାଶ ପାଇଁ ମଞ୍ଜୁର କରାଇଥିଲେ ।

## ଓକିଲଙ୍କ ଉତ୍ତର ଦାୟିତ୍ୱ ନିଅନ୍ତୁ ସରକାର: ଆଇନଜୀବୀ ସଙ୍ଘ




ବ୍ରହ୍ମପୁର ,(ପି.ଏନ): ଆଜି ନିଖିଳ ଓଡିଶା ଆଇନଜୀବୀ ସଂଘର କାର୍ଯ୍ୟକାରିଣୀ ବୈଠକ ଗୋପାଳପୁର ଠାରେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶ୍ରୀ ମାନସ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା କ୍ଷ ଏହି ବର୍ଷ ସଂଘର ବାର୍ଷିକ ସମ୍ମିଳନୀ କଟକ, ବାଲେଶ୍ୱର କିମ୍ବା ବାରିପଦାରେ କରାଯିବ ପାଇଁ ଆଲୋଚ଼ନା ହୋଇଥିଲା କ୍ଷ ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚ଼ନା କରି ସଂଘ ଦାବୀ କରିଛି ଯେ ଓକିଲଙ୍କ ଉତ୍ତର ଦାୟିତ୍ୱ ସରକାର ନିଅନ୍ତୁ କ୍ଷ ଦିଲ୍ଲୀ, କେରଳ, ତେଲେଙ୍ଗାନା ପ୍ରଭୃତି ରାଜ୍ୟରେ ଓକିଲଙ୍କ ସାମାଜିକ ନିରାପତା ପାଇଁ ସରକାର ପଦକ୍ଷେପ ନେଉଥିବା ବେଳେ ଓଡିଶା ସରକାର ଚୁପ ରହୁଛନ୍ତି କ୍ଷ ଆଇନଜୀବିଙ୍କ ମୃତ୍ୟୁ କାଳୀନ ସହାୟତା ରାଶିକୁ ବୃଦ୍ଧି କରିବା, ଦଶଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଦେବା, ଦୁର୍ଘଟଣା ସହାୟତା ରାଶିକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏହା ସହ ଭୁବନେଶ୍ୱରରେ ଏକ ଜାତୀୟ ଆଲୋଚ଼ନା ଚ଼କ୍ର ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆ ଯାଇଛି । ଏହି ବୈଠକରେ ବରିଷ୍ଠ ଆଇନଜୀବି ଶିଶିର ପଢି,ଜ୍ୟୋତି ରଥ,ଅକ୍ଷୟ ପତି, ସୁଶାନ୍ତ ବରଡ଼ା,ପ୍ରଦୀପ ପଟ୍ଟନାୟକ,ନିରଞ୍ଜନ ନାୟକ,ନିର୍ମଳ ସାହୁ, ଗୋପାଳ ପଣ୍ଡା,,ରଘୁନାଥ ପାଣିଗ୍ରାହୀ, ପ୍ରଦୀପ ଶତପଥୀ, ବରୁଣ ଗୌଡ଼, ପୀତବାସ ପଣ୍ଡା,ପ୍ରଦୀପ ପଣ୍ଡା, ଅନିଲ ପରିଡା,ପ୍ରକାଶ ଦାସ, ଅରୁଣ ରାଉତ, ଶ୍ରଦ୍ଧାଞ୍ଜଳି ସାହୁ, ସୂର୍ଯ୍ୟ ମିଶ୍ର, ପ୍ରସନ୍ନ ନନ୍ଦ, ଦେବରାଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## ବିପିସିଏଲ ପକ୍ଷରୁ ବେଥାନୀ କନଭେଣ୍ଟ ସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): 'ବନ ମହୋତ୍ସବ' ପରିପ୍ରେକ୍ଷୀରେ ପାରାଦୀପର ବେଥାନୀ କନଭେଣ୍ଟ ସ୍କୁଲ ପରିସରରେଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ) ପାରାଦୀପ ଶାଖା ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୧୦୦ରୁ ଉର୍ଦ୍ଧ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିପିସିଏଲର ଅପରେସନ ଡିଜିଏମ୍ ଶଙ୍କର ନାରାୟଣ ଦାସ ଉଦଘାଟନ କରି ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସ ଛାତ୍ରଛାତ୍ରୀ ମାନଙ୍କୁ ସୁସ୍ଥ ଓ ସ୍ୱଚ୍ଛ ପରିବେଶ ରକ୍ଷା ନିମନ୍ତେ ଉତ୍ସାହିତ କରିଥିଲେ ।

## ଛତାପିପଲ ଗ୍ରାମ ପଂଚାୟ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

ବଲାଙ୍ଗୀର, (ପି.ଏନ): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଗ୍ରାମ ପଂଚାୟତ ଉଚ୍ଚ ବିଦ୍ୟାଳୟ ଛତାପିପଲରେ ୭୪ ତମ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାଗିରଥି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ ମୁଖ୍ୟ ଅତିଥି, ବିଡିଓ ଅମରେନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା, ସରପଂଚ ଶୈଳେନ୍ଦ୍ରୀ ମହାକୁଡ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଇକୋ କ୍ଲବ ଇନ୍‌ଚାର୍ଜ ପ୍ରକୃତି ବନ୍ଧୁ ଜୟକୃଷ୍ଣ ନାଏକ ସ୍ୱାଗତ ଭାଷଣ ଦେବା ସହ ବନ ମହୋତ୍ସବର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୋବିନ୍ଦ ଚନ୍ଦ୍ର ପଟେଲ ମଂଚ ପରିଚାଳନା କରିଥିବାବେଳେ ପୂର୍ବତନ ସଂପାଦକ ବସ୍ତରାଜ କଲତା, ପରିଚାଳନା କମିଟି ସଭ୍ୟ ଅନିରୁଦ୍ଧ କରନ, ସୁଶିଲ ପଲତା, ରାଧେଶ୍ୟାମ ବରିହା, ପ୍ରେମରାମ ପଧାନ, ଶିକ୍ଷକ ଜୀବାନନ୍ଦ ଖମାରୀ, ଲାଲ ବାହାଦୁର ବାରିକ, ଯୁଧିଷ୍ଠିର ଡାଙ୍ଗ, ଶ୍ରୀପତି ପାତ୍ର, ତିର୍ଥରାଜ ପଧାନ, ସୁନାବୀର ନାଗ ପ୍ରମୁଖ ସହଯୋଗ କରିଥିଲେ।

## ମରୁଡ଼ିରୁ ରକ୍ଷା ପାଇବା ପାଇଁ ଅଚଳ କ୍ଷୁଦ୍ର ଜଳସେଚନ ଯୋଜନା ଓ ଉଠା ଜଳସେଚନ ଯୋଜନାକୁ କ୍ରିୟାଶୀଳ କରାଯାଉ : ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲା ଋଷିକୁଲ୍ୟା ରୟତ ମହାସଭା

ବ୍ରହ୍ମପୁର,(ପି.ଏନ) : ଗଞ୍ଜାମର ଅଗ୍ରଣୀ ଚାଷୀ ସଂଗଠନ ଋଷିକୁଲ୍ୟା ରୟତ ମହାସଭା ତରଫରୁ ଗଂଜାମ ଚାଷୀଙ୍କ ସମସ୍ୟାର ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି । ରାଜ୍ୟ ସରକାର ଜଳସେଚନ ପ୍ରକ୍ରିୟାକୁ ବୃଦ୍ଧି କରିବା ପାଇଁ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଦୁଇ ଦଶନ୍ଧି ଧରି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଜିଲାରେ ଥିବା କ୍ଷୁଦ୍ର ଓ ଉଠା ଜଳସେଚନ ବିଭାଗର ବହୁ ପ୍ରକଳ୍ପ ଅକାମୀ ହୋଇଗଲାଣି। ଫଳରେ ଚଳିତ ବର୍ଷ ବର୍ଷା ଅଭାବରୁ ଅଧିକାଂଶ ବ୍ଲକ୍‌ରେ ଧାନ ଫସଲର ଗଜା ମରୁଡ଼ି ଓ ତଳିପୋଡ଼ି ଗଲାଣି। କେତେକ ବ୍ଲକ୍‌ରେ ଧାନ ରୁଆ। ହୋଇଥିବା ଜମି ମଧ୍ୟ ଫାଟି ଗଲାଣି । ଏପରି ପରିସ୍ଥିତିରେ ଧାନ ତଳିକୁ କିପରି ବଞ୍ଚାଇବେ, ସେଥିପାଇଁ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ଏହି ଦୁର୍ଦ୍ଦିନରେ ଗଜା ମରୁଡ଼ି ଓ ତଳିପୋଡ଼ିରୁ ସୁରକ୍ଷା ଦେବାପାଇଁ ମହାସଭା ପକ୍ଷରୁ ଦାବି କରାଯାଇଛି। ଦାବିଗୁଡ଼ିକ ହେଲା ଚଳିତ ବର୍ଷ ବର୍ଷା ଅଭାବରୁ ଧାନ ତଳି ପୋଡ଼ିବା ସଂଗେ ବୁଣା ଧାନ ଗଜା ମରୁଡ଼ି ହୋଇଗଲାଣି । ଏଣୁ ଜିଲ୍ଲାର ସମସ୍ତ ଉଠା ଜଳସେଚନଗୁଡ଼ିକ କାର୍ଯ୍ୟକ୍ଷମ କରିବା ସଂଗେ ସଂଗେ ସମସ୍ତ କେନାଲରେ ପାଣି ଛାଡ଼ିବାକୁ ନିର୍ଦ୍ଦେଶ ଦେଇ ଗଜା ମରୁଡ଼ି ଓ ତଳିପୋଡ଼ିରୁ ସୁରକ୍ଷା କରାଯାଉ । ଚାଷୀଙ୍କ ପାଖରେ ଆଉ ବିହନ ଧାନ ନଥିବାରୁ ସୋସାଇଟି ଜରିଆରେ ବିହନ, ଧାନ ଓ ଜୈବିକ ସାର ରିହାତି ଦରରେ ଯୋଗାଇ ଦିଆଯାଉ । ଜିଲ୍ଲାରେ କୃଷି ନିର୍ଦ୍ଧାରଣ କମିଟିର ବୈଠକ ହୋଇନଥିବାରୁ କୃଷିର ବିକାଶ ଦିଗହରା ହୋଇଯାଇଛି। ଏଣୁ କୃଷି ନିର୍ଦ୍ଧାରଣ କମିଟିରେ ଚାଷୀ ସଂଗଠନକୁ ସାମିଲ କରି କୃଷି ଓ କୃଷକର ବିକାଶ ନିମନ୍ତେ ବିଧିବଦ୍ଧ ଯୋଜନା କରି କାର୍ଯ୍ୟକାରୀ କରାଯାଉ। ଧାନ ଫସଲର ଜଳସେଚନ ସୁବିଧା ନିମନ୍ତେ ଜଳଭଣ୍ଡାରର ସ୍ଥିତି ଉଠା ଜଳସେଚନ ପମ୍ପଗୁଡ଼ିକର ସ୍ଥିତି ଓ ବର୍ଷାଜଳ ସଂରକ୍ଷଣ ସ୍ଥିତି ଆଦି ଜଳସେଚନ ପ୍ରକଳ୍ପଗୁଡ଼ିକର ସ୍ଥିତିକୁ ନେଇ ବିଭାଗୀୟ ସଚିବଙ୍କୁ ପଠାଇ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଉ । ସମସ୍ତ ଘରୋଇ ଏବଂ ସରକାରୀ ଉଠାଜଳସେଚନ ପମ୍ପଗୁଡ଼ିକରେ ବକେୟା ଥିବା ପୁରୁଣା ବିଦ୍ୟୁତ୍ ବିଲ୍‌କୁ ଛାଡ଼ କରିବା ସଂଗେ ସଂଗେ ବିଦ୍ୟୁତ୍ ସଂଯୋଗ କରି ଯୁଦ୍ଧକାଳୀନ ଭିତ୍ତିରେ ପାଣି ଯୋଗାଇ ତଳି ପୋଡ଼ିରୁ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଉ । ସମବାୟ ବ୍ୟାଙ୍କ୍‌ର ଅଧିକାରୀଙ୍କ ମନମୁଖୀ ଶାସନ ଯୋଗୁଁ ଅଧିକାଂଶ ଚାଷୀ କୃଷି ଋଣ ପାଇନାହାଁନ୍ତି, ଯାହାଦ୍ୱାରା ସେହି ଚାଷୀମାନେ ଫସଲବୀମା କରିବାରୁ ବଞ୍ଚିତ ହେଲେ। ଚଳିତ ବର୍ଷ କୃଷି ଋଣ ଟାର୍ଗେଟ୍ ପୂରଣ ନ ହେବାରୁ ହଜାର ହଜାର ଚାଷୀ କୃଷି ଋଣ ଫସଲବୀମା ବିହନ ଓ ସାର ପାଇବାରୁ ବଞ୍ଚିତ ହେଲେ । ଏଣୁ ବିଭାଗୀୟ ସଚିବଙ୍କ ଦ୍ୱାରା ଏହାର ତଦନ୍ତ କରି ସୋସାଇଟି ଜରିଆରେ ସବୁ ସୁବିଧା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଉ । ପ୍ରତି ପଞ୍ଚାୟତରେ କୃଷି ସହାୟକ କେନ୍ଦ୍ର ଖୋଲାଯାଇ ବିହନ ସାର ଓ କୃଷି ଯନ୍ତ୍ରପାତି, ପମ୍ପ ଆଦି ରିହାତି ଦରରେ ଯୋଗାଇ ଦିଆଯାଉ । ବାରହା, ମାଙ୍କଡ଼ ଆଦି ବନ୍ୟଜନ୍ତୁ ପ୍ରାଦୁର୍ଭାବ ଯୋଗୁଁ ଫସଲ ନଷ୍ଟ ହେବା ସଂଗେ ସଂଗେ ଚାଷୀଙ୍କୁ ଆକ୍ରମଣ କରୁଛନ୍ତି, ଏପରି କ୍ଷତିକାରକ ପଶୁମାନଙ୍କୁ ପଶୁ ରୂପେ ଘୋଷଣା କରି ଫସଲକୁ ସୁରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଉ । ପୂର୍ବରୁ ଗ୍ରାମ କମିଟିର ଅନୁମୋଦନ କ୍ରମେ ଭାଗଚାଷୀଙ୍କ ନାମ ଧାନ ବିକିବା ପାଇଁ ପଞ୍ଜିକରଣ କରାଯାଉଥିଲା। ଏଣୁ ଚଳିତ ବର୍ଷ ଗ୍ରାମ କମିଟିର ସୁପାରିଶରେ ଭାଗ ଚାଷୀଙ୍କ ନାମ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦିଅଯାଉ । ଭାଗଚାଷୀମାନେ ହିଁ ପ୍ରକୃତରେ ଚାଷୀ, ସେମାନଙ୍କ ଅବଦାନ ଯୋଗୁଁ ସରକାର କୃଷି କର୍ମଣ ପୁରସ୍କାର ପାଉଛନ୍ତି। ଏଣୁ ଭାଗଚାଷୀଙ୍କ ନାମ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦିଆଯାଉ । ଗରିବ ଓ ଭାଗ ଚାଷୀମାନଙ୍କୁ ଧାନ ରୁଆ। ପାଇଁ ମୂଲ ମଜୁରୀ ଖର୍ଚ୍ଚ ଓ ବର୍ଷା ଜଳ ସଂରକ୍ଷଣ ପାଇଁ ଖର୍ଚ୍ଚ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମଯୋଗାଣ ଯୋଜନାରେ ଭରଣା କରାଯାଉ। ଚାଷ କାମ ପାଇଁ ରିହାତିରେ କିରୋସିନି ଓ ଡିଜେଲ୍ ଯୋଗାଇବା ସଂଗେ ସଂଗେ ଚାଷ କାମ ପାଇଁ ବିଦ୍ୟୁତ୍ କର ଛାଡ଼ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ । ଉପରୋକ୍ତ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଲେ ଗଂଜାମ ଚାଷୀମାନେ ଉପକୃତ ହେବେ ବୋଲି ଋଷିକୁଲ୍ୟା ରୟତ ମହାସଭାର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ ଓ ସମ୍ପାଦକ ସୀମାଞ୍ଚଳ ନାହାକ, ପି. ଜଗଦିଶ ରେଡ଼ି, ବିପ୍ର ସ୍ୱାଇଁ, କୃଷ୍ଣ ନାୟକ ପ୍ରମୁଖ କର୍ମକର୍ତ୍ତାମାନଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଗଞ୍ଜାମ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray